# ଚଢ଼ାଦରରେ ବିକ୍ରି ହେଉଛି ଗ୍ୟାସ୍, ଗ୍ରାହକଙ୍କୁ ମିଳୁନି

■ ଜାଳେଣି ଅଭାବ, ଇଣ୍ଡକ୍ସନକୁ ଭରସା
■ କଳାବଜାର ରୋକିବାକୁ ପଦକ୍ଷେପ ନେବାକୁ ଦାବି

ଖୋର୍ଦ୍ଧା,୧୪।୩(ପ୍ରଭାତ ପାଣିଗ୍ରାହୀ)



ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧର ପ୍ରଭାବ ଘରୋଇ ଏବଂ ବ୍ୟବସାୟିକ ରନ୍ଧନ ଗ୍ୟାସ୍ ଉପରେ ପଡିଛି। କିଛିଦିନ ତଳେ ଗ୍ୟାସ୍ ସିଲିଣ୍ଡର ପିଛା ୬୦ଟଙ୍କା ବଢ଼ିଥିବା ବେଳେ ଆଗକୁ ଗ୍ୟାସ୍ ଅଭାବ ଆଶଙ୍କାକୁ ନେଇ ଲୋକଙ୍କ ମନରେ ଛନକା ପଶିଛି। ଏବେ ପୁଣି ଗ୍ୟାସ୍ ବୁକିଂ ଅବଧି ସହରାଞ୍ଚଳ ପାଇଁ ୨୫ଦିନ ଏବଂ ଗ୍ରାମାଞ୍ଚଳ ଗ୍ରାହକଙ୍କ ପାଇଁ ୪୫ଦିନ କରାଯାଇଛି। ଫଳରେ ଏହାର କଳାବଜାର ବଢ଼ିଛି। ୧ହଜାର ଟଙ୍କା ମଧ୍ୟରେ ମିଳୁଥିବା ଗ୍ୟାସ୍ ସିଲିଣ୍ଡର ଏବେ ଚୋରାରେ ୧୮ଶହରୁ ୨ହଜାର ଟଙ୍କା ପର୍ଯ୍ୟନ୍ତ ଖୋର୍ଦ୍ଧା ଅଞ୍ଚଳରେ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ସେହିପରି ବୁକିଂ ସତ୍ତ୍ୱେ ଠିକ୍ ସମୟରେ ମିଳୁ ନ ଥିବାରୁ ବିଭିନ୍ନ ଗ୍ୟାସ୍ ଏଜେନ୍ସିରେ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳୁଛି। ଅନ୍ୟପଟେ ଖାଇବା ତେଲ ଦର ବୃଦ୍ଧି ପାଇଥିବା ବେଳେ ଗ୍ୟାସ୍ ଅଭାବରୁ ହୋଟେଲ, ରେଷ୍ଟୁରାଣ୍ଟରେ ମିଲ୍ସ ଦର ମଧ୍ୟ ବୃଦ୍ଧି ପାଇଛି। ଏପରି କି ବିଭିନ୍ନ ମନ୍ଦିରରେ ପ୍ରସାଦ ବିକ୍ରି ଦର ମଧ୍ୟ ବଢ଼ିଛି। ସାଧାରଣ ନିରାମିଷ ମିଲ୍ସ ଦାମ୍ ୭୦ଟଙ୍କାରୁ ବୃଦ୍ଧି ପାଇ ୮୦ରୁ ୯୦ଟଙ୍କା ହୋଇଥିବା ବେଳେ ଆମିଷ ଖାଦ୍ୟ ଶହେରୁ ୧୫୦ଟଙ୍କା ବଢ଼ିଛି। ସେହିପରି କେତେକ ଫାଷ୍ଟଫୁଡ, ଜଳଖିଆ ଦୋକାନରେ ପୂର୍ବଭଳି ଆଉ ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀ ହେଉ ନ ଥିବା ଦେଖିବାକୁ ମିଳିଛି। ସେହିପରି କେତେଜଣ ଅସାଧୁ ବ୍ୟବସାୟୀ ୧୦ଟଙ୍କାରେ ମିଳୁଥିବା ପାଣି ବୋତଲକୁ ୧୨ରୁ ୧୫ଟଙ୍କାରେ ବିକ୍ରି କରୁଥିବା ଅଭିଯୋଗ ହେଉଛି।

ବ୍ୟବସାୟୀ ରାକେଶ ସାହୁ କୁହନ୍ତି, ବଜାରରେ ଖାଇବା ତେଲ ବଢ଼ିଥିବା ବେଳେ ରନ୍ଧନ ଗ୍ୟାସ୍ ଉପଲବ୍ଧ ନାହିଁ। ଗୋଟିଏ ସିଲିଣ୍ଡର ବୁକିଂ କରିବା ପାଇଁ ସମୟ ସୀମା ବୃଦ୍ଧି କରାଯାଇଛି। ଫଳରେ ବ୍ୟାପକ କଳାବଜାର ବଢ଼ିଛି। ସେହିପରି ଗୀତାଭବନରେ ପ୍ରସାଦ ବିକ୍ରି କରୁଥିବା ଶ୍ରୀନିବାସ ଶତପଥୀ କୁହନ୍ତି, ପୂର୍ବରୁ ଗ୍ୟାସ୍ ସିଲିଣ୍ଡରରେ ରୋଷଇ କରୁଥିଲୁ। ଏବେ ବଜାରରେ ଗ୍ୟାସ୍ ନାହିଁ। ଫଳରେ କାଠଚୁଲି ଉପରେ ନିର୍ଭର କରିବାକୁ ପଡୁଥିବା ବେଳେ ଜାଳେଣି ଅଭାବ ଯୋଗୁ ରୋଷେଇ ବାଧାପ୍ରାପ୍ତ ହେଉଛି। ଫଳରେ ମିଲ୍ସ ଦର ବୃଦ୍ଧି ପାଇଛି। ସ୍ଥିତି ସ୍ୱାଭାବିକ ହେଲେ ଦର କମାଯିବ। ସାମାଜିକ କର୍ମୀ ଶୁଭ୍ରରଞ୍ଜନ ଦାସ କୁହନ୍ତି, ମଧ୍ୟବିତ୍ତ ପରିବାର ବିଶେଷ ପ୍ରଭାବିତ ହେଉଛନ୍ତି। ବର୍ଷସାରା ଗ୍ୟାସ୍ ସିଲିଣ୍ଡର ଉପରେ ନିର୍ଭର କରୁଥିବା ପରିବାର ଏବେ ଗ୍ୟାସ୍ ସିଲିଣ୍ଡର ପାଇବା ପାଇଁ ଚାରିଆଡ଼େ ଦୌଡୁଛନ୍ତି। ଗ୍ୟାସ୍ ସିଲିଣ୍ଡର ଅଭାବରୁ ବର୍ତ୍ତିବା ଲାଗି ଲୋକେ ବୈଦ୍ୟୁତିକ ଇଣ୍ଡକ୍ସନ୍ ମୁହାଁ ହେଲେଣି। ଶହୀଦ ମାର୍କେଟ ଭାରତୀ ଇଲେକ୍ଟ୍ରି ଦୋକାନର ବ୍ୟବସାୟୀ ମୀନକେତନ ସୁବୁଦ୍ଧି କୁହନ୍ତି, ପୂର୍ବରୁ ଇଣ୍ଡକ୍ସନ୍ ବର୍ଷରେ ୨ରୁ ୩ଟି ବିକ୍ରି ହେଉଥିବା ବେଳେ ଏବେ ଏହାର ଚାହିଦା ବଢିଛି। ଏଥିରେ କମ୍ ବିଜୁଳି ଖର୍ଚ୍ଚ ହେଉଥିବାରୁ ସାଧାରଣ ପରିବାର ଏହାକୁ ପସନ୍ଦ କରନ୍ତି। ଯୁବ ଉଦ୍ୟୋଗପତି ସୁଶାନ୍ତ ମୋହନ ପଟ୍ଟନାୟକ କହିଛନ୍ତି ଯେ, ୧୨ଟି ପିସି ଥିବା ବୋତଲ ଦାମ୍ ପୂର୍ବରୁ ୮୦ରୁ ୯୦ ଟଙ୍କାରେ ମିଳୁଥିବା ବେଳେ ଏବେ ୯୫ରୁ ୧୦୦ ଟଙ୍କାରେ କିଣିବାକୁ ପଡୁଛି। ଏହାକୁ ଯୋଗାଣ କରୁଥିବା କମ୍ପାନୀଗୁଡିକ ଅଧିକ ଦର ନେଉଥିବାରୁ ଖୁଚୁରା ଦୋକାନୀଙ୍କ ଠାରୁ ଗ୍ରାହକଙ୍କ ଉପରେ ଚାପ ପଡ଼ିବା ସ୍ୱାଭାବିକ। ଅନ୍ୟପକ୍ଷରେ ଏନେଇ ଜିଲାପାଳ ଅମ୍ରିତ୍ ଋତୁରାଜ କହିଛନ୍ତି ଯେ, ବଜାରରେ ରନ୍ଧନ ଗ୍ୟାସ୍ କଳାବଜାର ରୋକିବା ପାଇଁ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ସ୍ଥାନରେ ଏଭଳି ଅଭିଯୋଗ ଆସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ବାଣପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ



ବାଣପୁର,୧୪।୩(ଦିଲୀପ କୁମାର ସ୍ୱାଇଁ)

ତାଲୁକ ଆଇନ ସେବା ସମିତି ଆନୁକୂଲ୍ୟରେ ଶନିବରେ ବାଣପୁର ବିଚାର ବିଭାଗୀୟ ଅଦାଲତ ପରିସରରେ ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ତଥା ବରିଷ୍ଠ ଦେଓ୍ୱାନୀ ବିଚାରପତି ଅମରେଶ ମହାପାତ୍ର ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଈପ୍ସିତା ପ୍ରିୟା ଏକ୍କା ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଯୋଗଦେଇ ବିଭିନ୍ନ ମାମଲାର ଫଇସଲା କରିଥିଲେ। ଗୋଟିଏ ବ୍ୟାଙ୍କର ପ୍ରାକ୍ ବିବାଦୀୟ ମାମଲାର ଆପୋସ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇ ୭୦ ହଜାର ୬୨୦ଟଙ୍କା ଆଦାୟ କରାଯାଇଛି। ଏହି ଲୋକ ଅଦାଲତରେ ୨୨ଟି ଫୌଜଦାରି, ୧୦ଟି ଦେଓ୍ୱାନୀ, ୫୭ଟି ମୋଟରଯାନ ଏବଂ ଗୋଟିଏ ବୈବାହିକ ବିବାଦ ମାମଲା ସମେତ ମୋଟ୍ ୯୨ଟି ମାମଲାର ସମାଧାନ ହୋଇଛି। ଓକିଲ ସଂଘର ବହୁ ସଦସ୍ୟ ଏବଂ ଅଦାଲତ କର୍ମଚାରୀଙ୍କ ସମେତ ବାଣପୁର ଓ ବାଲୁଗାଁ ଅଞ୍ଚଳର ବିଭିନ୍ନ ବ୍ୟାଙ୍କର ଅଧିକାରୀମାନେ ପରିଚାଳନାରେ ସହାୟତା କରିଥିଲେ।

## ସଂକ୍ଷେପରେ

### ଦେଶୀ ମଦ ସହ ସ୍କୁଟି ଜବତ, ୩ ଗିରଫ

ବେଗୁନିଆ,୧୪।୩(ସନ୍ଧ୍ୟାରାଣୀ ମିଶ୍ର): ଖୋର୍ଦ୍ଧା ଜିଲା ଅବକାରୀ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ସଦର ରେଞ୍ଜ୍ ଅବକାରୀ ନିରୀକ୍ଷକ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ବେଗୁନିଆ ଅବକାରୀ ଥାନା କର୍ମଚାରୀମାନେ ବିଭିନ୍ନ ସ୍ଥାନରୁ ୫୩୩ ଲିଟର ଦେଶୀ ମଦ, ମୋବାଇଲ ଏବଂ ଏକ ସ୍କୁଟି ଜବତ କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ନୟାଗଡ଼ ଜିଲା ରଣପୁର ଥାନା ଅନ୍ତର୍ଗତ ସୁରୁକବାଡ଼ି ଗ୍ରାମର ମନମୋହନ ମହାନ୍ତିଙ୍କଠାରୁ ୫୧୦ ଲିଟର ରନ୍ଧା ଦେଶୀମଦ ସହିତ ମୋବାଇଲ ଏବଂ ଏକ ସ୍କୁଟି ଜବତ କରାଯାଇଛି । ସେହିପରି ବୋଲଗଡ଼ ଥାନା ଅନ୍ତର୍ଗତ ଖାରଡ଼ପଲ୍ଲୀ ଗ୍ରାମର ମାଧବ ନାୟକଙ୍କଠାରୁ ୧୫ ଲିଟର ଏବଂ ବାଘମାରୀ ଥାନା ଅନ୍ତର୍ଗତ ଗଂପୁର ଗ୍ରାମର ଗଣେଶ୍ୱର ସେଠୀଙ୍କ ନିକଟରୁ ୮ ଲିଟର ଆସ୍କାଫର୍ଟି ଜବତ କରାଯାଇଛି। ସମସ୍ତ ୩ ବେପାରୀଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି।

### ରାମଲୀଳା, ସଂକୀର୍ତ୍ତନ ଗାୟକ ଧରଣୀଧରଙ୍କ ପରଲୋକ

ବୋଲଗଡ଼,୧୪।୩(ଦେବବ୍ରତ ହୋତା): ବୋଲଗଡ଼ ବ୍ଲକ ଚମ୍ପାଇଲୋ ଗ୍ରାମର ବିଶିଷ୍ଟ ସାଂସ୍କୃତିକ ପୁରୋଧା, ସଂକୀର୍ତ୍ତନ ଗାୟକ ତଥା ରାମଲୀଳା ନିର୍ଦ୍ଦେଶକ ଧରଣୀଧର



ଉ ତ୍ତ ର ର । ୟ ଙ୍କ ଶନିବାର ଭୋରୁ ପ ର ଲୋ । କ ହୋଇଯାଇଛି। ତାଙ୍କୁ ୯୭ବର୍ଷ ହୋଇଥିଲା। ଚମ୍ପାଇଲୋର ପ୍ରସିଦ୍ଧ ରାମଲୀଳା ପରମ୍ପରାକୁ ଦୀର୍ଘ ବର୍ଷ ଧରି ଜୀବନ୍ତ ରଖିବାରେ ତାଙ୍କର ମୁଖ୍ୟ ଭୂମିକା ରହିଥିଲା। ବିଶେଷକରି ୧୯୮୦ ଓ ୯୦ ଦଶକରେ ତାଙ୍କର ନିର୍ଦ୍ଦେଶନା ଶୈଳୀ ଓ ନିଷ୍ଠା ଅନେକ ଯୁବ କଳାକାରଙ୍କୁ ପ୍ରେରଣା ଯୋଗାଇଥିଲା। ସେ ରାମଲୀଳା ମାଧ୍ୟମରେ ସମାଜରେ ଆଧ୍ୟାତ୍ମିକ ଚେତନା ଜାଗ୍ରତ କରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର ହୋଇଥିବା ବେଳେ ବଡ଼ପୁଅ ବିରଞ୍ଚି ଉତ୍ତରରାୟ ମୁଖାଗ୍ନି ଦେଇଥିଲେ।

### ସଫେଇ ହେଲା ନାଳ

ଟାଙ୍ଗୀ,୧୪।୩(ରଘୁନାଥ ସାହୁ): ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସୁନ୍ଦରପୁର ପଞ୍ଚାୟତର ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଥିବା ନାଳରେ ଅଳିଆ, ଆବର୍ଜନାରେ ଭର୍ତ୍ତିହୋଇ ଦୁର୍ଗନ୍ଧ ହେବା ସହିତ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଥିଲା। ଏନେଇ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲଳିତ ନାରାୟଣ ମହାପାତ୍ର ନାଳ ଉପରେ ସିମେଣ୍ଟ ସ୍ଲାବ୍ ପକାଇବା କିମ୍ବା ନାଳ ସଫେଇ କରିବା ପାଇଁ ସ୍ଥାନୀୟ ସରପଞ୍ଚଙ୍କୁ ଅନୁରୋଧ କରିଥିଲେ। ସରପଞ୍ଚ ସୁଜିତ କୁମାର ହାଲଦାର ସ୍ଲାବ୍ ପଡ଼ିବା ପୂର୍ବରୁ ନାଳ ସଫେଇ କାର୍ଯ୍ୟ କରାଇଛନ୍ତି। ଏନେଇ ପ୍ରଧାନଶିକ୍ଷକ ମହାପାତ୍ର ସରପଞ୍ଚଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ବିଦ୍ୟାଳୟ ସାମ୍ନା ଅପରିଷ୍କାର ନ କରିବା ପାଇଁ ଗ୍ରାମବାସୀଙ୍କୁ ଅନୁରୋଧ କରିଛନ୍ତି।



ଗୋଲବାଇ ଦଶ ଦୋଳ ମେଳଣ ମଣ୍ଡପରେ ଠାକୁରଙ୍କ ଦୋଳ ବିମାନ। (ଫଟୋ: ମାନସ ଚନ୍ଦ୍ର ପଟ୍ଟନାୟକ)

## ଜମିଲା ମୁକୁନ୍ଦପ୍ରସାଦ ଦଶଦୋଳ

ଖୋର୍ଦ୍ଧା,୧୪।୩(ପ୍ରଭାତ ପାଣିଗ୍ରାହୀ)

ମୁକୁନ୍ଦପ୍ରସାଦ ଗ୍ରାମ୍ୟ କମିଟି ଆନୁକୂଲ୍ୟରେ ମୁକୁନ୍ଦପ୍ରସାଦ ମେଳଣ ପଡ଼ିଆରେ ଶନିବାର ମଧ୍ୟରାତ୍ରିରେ ଠାକୁରମାନଙ୍କ ଜମାଣ ହୋଇଥିଲା। ବିଳମ୍ବିତ ରାତିରେ ଥାନପତି ଦଧିବାମନ ଦେବ ଏକ ସୁସଜ୍ଜିତ ବିମାନରେ ବିଜେ କରି ସ୍ୱମନ୍ଦିରରୁ ବାହାରି ମୁକୁନ୍ଦପ୍ରସାଦ ଛକରେ ପହଞ୍ଚିଥିଲେ। ସେଠାରୁ ଆରମ୍ଭ ହୋଇଥିଲା ଶୋଭାଯାତ୍ରା। ବାଦ୍ୟ ବାଜଣାରେ ଏକ ବିରାଟ ପଟୁଆରରେ ମେଳଣ ପଡିଆକୁ ଆସିଥିଲେ ଠାକୁର। ଏହି ଶୋଭାଯାତ୍ରାରେ ସ୍ଥାନୀୟ ଶ୍ରଦ୍ଧାଳୁ, ଭକ୍ତଙ୍କ ସମାଗମ ହୋଇଥିଲା। ଜୟ ଜୟକାର, ମନ୍ତ୍ରଧ୍ୱନିରେ ପ୍ରକମ୍ପିତ ହୋଇଥିଲା। ଦଧିବାମନ ଦେବଙ୍କ ଆମନ୍ତ୍ରଣ ପାଇ ମୁକୁନ୍ଦପ୍ରସାଦର ଗୋପୀନାଥ, ଈଶାଣେଶ୍ୱର, ରଘୁନାଥ, ଜେମାଦେଇର ବାଲୁଙ୍କେଶ୍ୱର, ଅସୁରଢ଼ିହ ବାଲୁଙ୍କେଶ୍ୱର, ପିତାପଲ୍ଲୀର ମହାଦେବ, ପାଇକତିଗିରିଆର ମହାଦେବ, ଉପରବସ୍ତ କେଦାରଶ୍ୱର ପ୍ରମୁଖ ଦୋଳ ବିମାନରେ ବିଜେ ହୋଇ ପଟୁଆରରେ ମେଳଣ ପଡିଆରେ ବିଜେ କରିଛନ୍ତି। ତିନିଦିନ ଧରି ମେଳଣ ପଡିଆ ଲୋକାରଣ୍ୟ ହୋଇଉଠେ। ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମିନାବଜାର, ଘରକରଣା ସାମଗ୍ରୀ ପସରା ମେଳିଥାଏ। ଦୋଳ ଅବସରରେ ମେଳଣ ପଡିଆ ରଙ୍ଗିନ ଆଲୋକମାଳାରେ ଝଲସୁଛି।

## ଭବାନୀପୁରରେ ଶନିଶ୍ଚର ଦେବଙ୍କ ବାର୍ଷିକ ମେଳା

ବୋଲଗଡ଼,୧୪।୩(ଦେବବ୍ରତ ହୋତା): ବୋଲଗଡ ବ୍ଲକ ଆରିକମା ପଞ୍ଚାୟତ ଅନ୍ତର୍ଗତ ଭବାନୀପୁର ଗ୍ରାମର ଦେଶୁଆସାହି ସ୍ଥିତ ଶନିଶ୍ଚର ଦେବଙ୍କ ୪୧ତମ ବାର୍ଷିକ ମେଳା ଅନୁଷ୍ଠିତ ହୋଇଛି। ଏଥିରେ ଯାଜ୍ଞିକ ବ୍ରାହ୍ମଣ ରମେଶ ଚନ୍ଦ୍ର ଦାଶଙ୍କ ତତ୍ତ୍ୱାବଧାନରେ ବୈଦିକ ରୀତିନୀତି ଅନୁଯାୟୀ ପୂଜନ କାର୍ଯ୍ୟକ୍ରମ ହୋଇଥିଲା। ଶରତ କୁମାର ପରିଡ଼ା, ରଙ୍କନିଧି ଜେନା, ରମେଶ ଚନ୍ଦ୍ର ବିଶ୍ୱାଳ, ନିରଞ୍ଜନ ଜେନା, ମାନସ ରଞ୍ଜନ ବିଶ୍ୱାଳ, ଖବରଦାତା ଶରତ ଚନ୍ଦ୍ର ବାରିକଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିଶ୍ୱଶାନ୍ତି ମହାଯଜ୍ଞ

ନିରାକାରପୁର,୧୪।୩(ମାନସ ଚନ୍ଦ୍ର ପଟ୍ଟନାୟକ): ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଡିଆ ପଞ୍ଚାୟତର କାଶୀପୁର ଗ୍ରାମ ନିକଟରେ ଥିବା ଚିତ୍ରକୂଟ ପାହାଡ଼ ପାଦଦେଶରେ ଥିବା ମା' ଭୈରବୀଙ୍କ ପୀଠରେ ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ଏବଂ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ବହୁ ଭକ୍ତ ପୂଜାର୍ଚ୍ଚନା କରିବା ସହିତ ମା'ଙ୍କ ଆଶୀର୍ବାଦ ଲାଭ କରିଥିଲେ। ଏଥିସହ ବହୁ ବିଶିଷ୍ଟ ବ୍ୟକ୍ତି ଯଜ୍ଞରେ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ। ଏଥିସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

## ମା' ବିମଳାକ୍ଷୀ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଅତିଥିମାନେ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟନ କରୁଛନ୍ତି।

ଖୋର୍ଦ୍ଧା/ବୋଲଗଡ଼,୧୪।୩ (ପ୍ରଭାତ ପାଣିଗ୍ରାହୀ/ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅସରଳା ଗ୍ରାମ ମା' ବିମଳାକ୍ଷୀ କ୍ଲବ ଅନୁକୂଲ୍ୟରେ ୧୧ତମ ଦିବାରାତ୍ର ଭଲିବଲ ପ୍ରତିଯୋଗିତା ଶନିବାର ଆରମ୍ଭ ହୋଇଛି। ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାର ପ୍ରଥମ ଦିନ ଜିଲାସ୍ତରୀୟ ଓ ଦ୍ୱିତୀୟ ଦିନ ରାଜ୍ୟସ୍ତରୀୟ ଭଲିବଲ ଟିମ୍ ଅଂଶଗ୍ରହଣ କରିବାକୁ ଥିବା ବେଳେ ପ୍ରଥମ ଦିବସ ଖେଳକୁ ମୁଖ୍ୟ ଅତିଥିଭାବେ ଶିଳ୍ପପତି ରବୀନ୍ଦ୍ର ସୁବୁଦ୍ଧି ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥିଭାବେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଦୁର୍ଯ୍ୟୋଧନ ସ୍ୱାଇଁ, ଶିକ୍ଷାବିତ୍ ସୁବଳ ଜେନା, ଜିଲା କଂଗ୍ରେସ ସମ୍ପାଦକ ନଟବର ପାଣ୍ଡେ, ରାଜକିଶୋର ବେହେରା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବୈଦେଶ୍ୱର, ଗୋଡ଼ିଆଳି, ସାଗରଗୁଆଁ, ଛାମୁଡ଼ିଆନୂଆପଲ୍ଲୀ, ଜାଲଭାର, ପାଟଣା, କୁଲାଢ଼ିଲ, ମଧୁପୁର ଆଦି ୮ଟି ଦଳ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ଖେଳିବେ। ଟୁର୍ନାମେଣ୍ଟ ପରିଚାଳନାରେ କ୍ଲବ ସଭାପତି କସ୍ତୁରି ମହାପାତ୍ରଙ୍କ ସମେତ ସଦସ୍ୟ ସୁଶାନ୍ତ ସାମନ୍ତରାୟ, ଦେବାଶିଷ ସାମନ୍ତରାୟ, ଆକାଶ ମହାପାତ୍ର, ବିଭୁପ୍ରସାଦ ମାର୍ଥା, ଶିବରାମ ମହାପାତ୍ର, ସୀତାରାମ ମହାପାତ୍ର, ରଞ୍ଜନ ସାହୁ, ପାର୍ଥସାରଥି କର, ଲିପୁନ ମଙ୍ଗରାଜ, ବିବେକ କର, ଗୁରୁପ୍ରସାଦ ମିଶ୍ରଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ସହଯୋଗ କରୁଛନ୍ତି।

## ବଢୁଛି ପ୍ରଦୂଷଣ, ନଷ୍ଟ ହେଉଛି ମାଟିର ଉର୍ବରତା

ନିରାକାରପୁର,୧୪।୩(ମାନସ ଚନ୍ଦ୍ର ପଟ୍ଟନାୟକ)

ଧାନ ଅମଳ ପରେ ବିଲରେ ନିଆଁ



ନିରାକାରପୁର ସମେତ ଆଖପାଖ ଅଞ୍ଚଳରେ ଧାନ ଅମଳ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତେବେ ଧାନ ଅମଳ ପରେ ବିଲରେ ବଳକା ନଡ଼ା ଓ ପାଳକୁ ଚାଷୀମାନେ ନିଆଁ ଲଗାଇ ଦେଉଥିବା ଦେଖିବାକୁ ମିଳୁଛି। ଫଳରେ ବିଷାକ୍ତ ଧୂଆଁ ବାୟୁମଣ୍ଡଳକୁ ଦୂଷିତ କରିବା ସହ ଜନସାଧାରଣଙ୍କ ଶ୍ୱାସକ୍ରିୟାରେ ସମସ୍ୟା ସୃଷ୍ଟି କରୁଛି। ନିଆଁ ପ୍ରଭାବରେ ମାଟିରେ ଥିବା ଜୈବିକ ସାର ନଷ୍ଟ ହେଉଛି ଏବଂ ଚାଷ ପାଇଁ ଉପକାରୀ କୀଟପତଙ୍ଗଙ୍କ ବଂଶ ଲୋପ ପାଉଛି। ମାଟିର ଉର୍ବରତା ନଷ୍ଟ ହେଉଥିବାରୁ ଆଗାମୀ ଦିନରେ ଫସଲ ଉତ୍ପାଦନ କମିବାର ଆଶଙ୍କା ରହିଛି। ସ୍ଥାନୀୟ ଚାଷୀଙ୍କ ମତରେ, ଆଧୁନିକ ମେଶିନ ସାହାଯ୍ୟରେ ଧାନ ଅମଳ କରିବା ପରେ ବିଲରେ ପାଳ ଓ ଅଳିଆ ପଡ଼ି ରହୁଛି। ଏହାକୁ ଘରକୁ ନେବା ପାଇଁ ଅଧିକ ଖର୍ଚ୍ଚ ହେଉଥିବାରୁ ଏବଂ ହଳ କରିବାରେ ଅସୁବିଧା ହେଉଥିବାରୁ ନିଆଁ ଲଗାଇଦେଉଛନ୍ତି। ଏବେ ଗୋରୁ କିମ୍ବା ଚାଳଘର ସଂଖ୍ୟା ସେପରି ନ ଥିବାରୁ ପାଳର ଚାହିଦା ମଧ୍ୟ କମିଯାଇଛି। ଅନ୍ୟପକ୍ଷରେ ଅବସରପ୍ରାପ୍ତ କୃଷି ଅଧିକାରୀଙ୍କ କହିବା ଅନୁଯାୟୀ, ବିଲରେ ନିଆଁ ଲଗାଇବା ଅନୁଚିତ। ସେହିପରି ଟାଙ୍ଗୀ ବ୍ଲକ କୃଷି ଅଧିକାରୀ କହିଛନ୍ତି ଯେ, ବିଭାଗ ପକ୍ଷରୁ ଚାଷୀଙ୍କୁ ସଚେତନ କରାଯାଉଥିଲେ ମଧ୍ୟ ଏହାର ସୁଫଳ ମିଳୁନାହିଁ।

## ଶ୍ରୀମଦ୍ ଭଗବଦ୍ ଗୀତା ଆଲୋଚନାଚକ୍ର

ବାଲିପାଟଣା,୧୪।୩(ଅଭିମନ୍ୟୁ ନାୟକ)

ଶିଶୁ ଅନନ୍ତ ପୀଠରେ ଶନିବାର ଶ୍ରୀମଦ୍ ଭଗବଦ୍ ଗୀତା ଆଲୋଚନାଚକ୍ର ସହିତ ନିଃଶୁଳ୍କ ହୋମିଓପାଥିକ୍ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଗୀତା ଅଭିଯାନର ପ୍ରମୁଖ ଡ. ଅକ୍ଷୟ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଗୀତାର ୧୧ଶ ଅଧ୍ୟାୟ ସମ୍ପର୍କରେ ଆଲୋଚନା ହୋଇଥିଲା। ସାମ୍ପ୍ରତିକ ସ୍ଥିତିରେ ବିଶ୍ୱର ଅସ୍ଥିରତା ସ୍ଥିତିରୁ ମାନବ ସମାଜକୁ ଠିକ୍ ମାର୍ଗଦର୍ଶନ କେବଳ ଗୀତା ହିଁ କରିପାରିବ ବୋଲି କହିଥିଲେ। ଏହି ଅବସରରେ ଭୁବନେଶ୍ୱରସ୍ଥିତ ହୋମିଓପାଥିକ ଗବେଷଣା କେନ୍ଦ୍ର ସହିତ ଡା. ଅଭିନ୍ନ ଚନ୍ଦ୍ର ହୋମିଓପାଥିକ ମେଡିକାଲ କଲେଜ ଓ ପୁରାତନ ଛାତ୍ର ସଂସଦର ମିଳିତ ଆନୁକୂଲ୍ୟରେ ଏକ ନିଃଶୁଳ୍କ ହୋମିଓପାଥିକ ଚିକିତ୍ସା ଶିବିର ହୋଇଥିଲା। ଡା. ବାନାମ୍ବର ପରିଡ଼ା, ଡା. ପ୍ରମୋଦ କୁମାର ବିଶ୍ୱାଳ, ଡା. ଦେବ କୁମାର ଦାସ, ଡା. ପ୍ରସନ୍ନ କୁମାର ପଟ୍ଟନାୟକ, ଡା. ସରିତା ପାତ୍ର, ଡା. ସୁପ୍ରଭା ଉଦ୍‌ଗାତା ପ୍ରମୁଖ ଯୋଗଦେଇ ରୋଗୀଙ୍କ ପରୀକ୍ଷା କରିବା ସହ ଔଷଧ ପ୍ରଦାନ କରିଥିଲେ। ଶିଶୁ ଅନନ୍ତ ସ୍ମୃତି ସଂସଦର ସମ୍ପାଦିକା ତନୟା ଦାସ ଗୋସ୍ୱାମୀ ଏଥିରେ ସହଯୋଗ କରିଥିଲେ।

## ମାଣିବନ୍ଧ ଦଶଦୋଳରେ ୩୬ ଗାଁର ୪୦ ଠାକୁର



ବୋଲଗଡ଼,୧୪।୩(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ମାଣିବନ୍ଧଠାରେ ୧୫୧ବର୍ଷ ଧରି ଅନୁଷ୍ଠିତ ହେଉଥିବା ମାଣିକେଶ୍ୱର ଦେବଙ୍କ ଦଶ ଦୋଳ ଯାତ୍ରା ଉତ୍ସବ ଗତ ଶୁକ୍ରବାର ରାତ୍ରିରୁ ଆରମ୍ଭ ହୋଇଛି। ସ୍ଥାନୀୟ ଦଶଦୋଳ ଯାତ୍ରା ପଡ଼ିଆର ମଧ୍ୟଭାଗରେ ଥିବା ସ୍ୱତନ୍ତ୍ର ମଣ୍ଡପରେ ହୋମ, ପୂଜା ଓ ରୀତିନୀତି ପରେ ରାତିରେ ମାଣିକେଶ୍ୱର ଦେବ ପ୍ରଥମେ ରାଜଠାକୁର ଭାବେ ବିରାଟ ଶୋଭାଯାତ୍ରାରେ ଦଶଦୋଳ ପଡିଆକୁ ବିଜେ କରି ତାଙ୍କ ପାଇଁ ଥିବା ସ୍ୱତନ୍ତ୍ର ପିଣ୍ଡି ଉପରେ ସୁସଜ୍ଜିତ ଚଉଦୋଳରେ ବିଜେ କରିଥିଲେ। ପରେ ବୋଲଗଡ଼, ବେଗୁନିଆ ଓ ବାଙ୍କୀ ବ୍ଲକ ଅଞ୍ଚଳର ୩୬ ଗ୍ରାମରୁ ଆମନ୍ତ୍ରିତ ୪୦ ଠାକୁର ଦୋଳ ବିମାନରେ ମେଳଣ ପଡିଆକୁ ଆସି ନିଜ ଆସ୍ଥାନରେ ବିରାଜମାନ କରିଥିଲେ। ଏହି ଦଶ ଦୋଳ ଯାତ୍ରା ପାଇଁ ଦୋଳ ବିମାନରେ ବିଜେ ଦେବଦେବୀଙ୍କ ପଟୁଆର ଯାତ୍ରାର ଦୃଶ୍ୟ ଓ ଶୋଭାଯାତ୍ରା ଉତ୍ସବକୁ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସେହିପରି ଶନିବାର ଯାତ୍ରାପଡ଼ିଆରେ ବିଜେ ଠାକୁରମାନଙ୍କ ସମସ୍ତ ନୀତିକାନ୍ତି ସହ ତିନି ଧୂପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସୁଖିଲି ଭୋଗ ଅର୍ପଣ କରାଯାଇଥିଲା। ଏଠାରେ ଯାତ୍ରା ୫ଦିନ ଚାଲିବାକୁ ଥିବା ବେଳେ ପ୍ରତ୍ୟହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଏହି ମେଳାରେ ବିଭିନ୍ନ ମନୋହରୀ ଓ ଘରକରଣା ସାମଗ୍ରୀ ସହ ଚଟପଟି ଖାଦ୍ୟର ଅସ୍ଥାୟୀ ଦୋକାନ ଖୋଲିଛି।

## ଠାକୁରଙ୍କ ପଟୁଆର ବେଳେ ବାଇକ୍ ଧକ୍କାରେ ସେବାକାରୀଙ୍କ ମୃତ୍ୟୁ

ବୋଲଗଡ଼/କଳାପଥର,୧୪।୩ (ଦେବବ୍ରତ ହୋତା/ ଗଙ୍ଗାଧର ସାହୁ)

ବୋଲଗଡ଼ ବ୍ଲକ ମାଣିବନ୍ଧ ଗ୍ରାମ ଦଶ ଦୋଳ ଯାତ୍ରାରେ ନିମନ୍ତ୍ରିତ ହୋଇ ଯୋଗଦେବାକୁ ଆସୁଥିବା ବେଗୁନିଆ ଥାନା ଅଧୀନ ଧଳାପଥରର ରାଧାବଲ୍ଲଭ ଦେବଙ୍କ ପଟୁଆରରେ ଠାକୁରଙ୍କ ଛତ୍ରୀ ବହନ କରିଥିବା ଜଣେ ସେବାକାରୀଙ୍କୁ ଟିକତାଳ-ଧଳାପଥର ରାସ୍ତାର ମାଣିବନ୍ଧ ଛକ ନିକଟବର୍ତ୍ତୀ ଅଞ୍ଚଳରେ ଏକ ବାଇକ୍ ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଧଳାପଥର ଗ୍ରାମର ଭଗବାନ ବେହେରା(୫୮)। ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ରାଧାବଲ୍ଲଭ ଦେବ ପଟୁଆରରେ ଯାଉଥିବା ବେଳେ ଛତ୍ରୀ ଧରି ଯାଉଥିବା ଭଗବାନଙ୍କୁ ଏକ ବାଇକ୍ ଦ୍ରୁତଗତିରେ ଆସି ଧକ୍କା ଦେଇଥିଲା। ଫଳରେ ବାଇକରେ ଥିବା ଦୁଇ ଯୁବକ ଓ ଭଗବାନ ରାସ୍ତାରେ ପଡ଼ି ଗୁରୁତର ଆହତ ହୋଇଥିଲେ। ସମସ୍ତଙ୍କୁ ଚିକିତ୍ସା ଏମ୍ସ ମେଡିକାଲ ସ୍ଥାନାନ୍ତର କରାଯାଇ ଥିବା ବେଳେ ଶନିବାର ଭଗବାନଙ୍କ ମୃତ୍ୟୁ ଘଟିଛି। ସନ୍ଧ୍ୟାରେ ତାଙ୍କ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଗ୍ରାମ୍ୟ ପରିକ୍ରମା ପରେ ସ୍ଥାନୀୟ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ସରପଞ୍ଚ ନାରାୟଣ ସାହୁ, ସମିତି ସଭ୍ୟ ବିଜୟ କୁମାର ସୁବୁଦ୍ଧି, ସମବାୟ ସମିତି ସଭାପତି ସନ୍ତୋଷ ତ୍ରିପାଠୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ

ବାରଙ୍ଗ,୧୪।୩(ଲିଙ୍ଗରାଜ ରାଉତ)

ନନ୍ଦନବିହାରସ୍ଥିତ ଲୋକନାଥ ଦେବଙ୍କ ପୀଠରେ ନନ୍ଦନବିହାର ବିକାଶ ପରିଷଦ ପକ୍ଷରୁ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାସ୍ତାଘାଟ, ଆଲୋକୀକରଣ, ସଫେଇ, ଡ୍ରେନେଜ୍ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ବିଶେଷକରି ବର୍ଷାଜଳ ନିଷ୍କାସନ ହେଉ ନ ଥିବାରୁ ବାସିନ୍ଦା ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏହାର ସ୍ଥାୟୀ ପ୍ରତିକାର ପାଇଁ ପ୍ରଶାସନ ପକ୍ଷରୁ ଯଦି କୌଣସି ପଦକ୍ଷେପ ଗ୍ରହଣ ନ କରାଯାଏ, ତେବେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ସଭାପତି ଦେବାଶିଷ ମହାପାତ୍ର, ଉପସଭାପତି ସ୍ମୃତିରଞ୍ଜନ ଦାସ, ସ୍ମିତା ଦାସ, ଅଂଶୁ ତ୍ରିପାଠୀ, ଶୁଭେନ୍ଦୁ ଶେଖର ମହାନ୍ତି, ସାଧାରଣ ସମ୍ପାଦକ ନାରାୟଣ ପଟ୍ଟନାୟକ, ସହସମ୍ପାଦକ ତ୍ରିଲୋଚନ ପରିଡ଼ା, କୋଷାଧ୍ୟକ୍ଷ ଅନ୍ତର୍ଯ୍ୟାମୀ ଦାଶ, କାର୍ଯ୍ୟାଳୟ ସମ୍ପାଦକ ପ୍ରଫୁଲ୍ଲ କୁମାର ଦାଶ, ମୁଖ୍ୟ ଉପଦେଷ୍ଟା ଅଜୟ କୁମାର ସାହୁଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ସାଇବର ନିରାପତ୍ତା ସଚେତନତା ବୃଦ୍ଧି ଆବଶ୍ୟକ: ଡିଜିପି

**ଭୁବନେଶ୍ୱର,୧୪।୩(ତ୍ରିନାଥ ମହାନ୍ତି)**

ଓଡ଼ିଶା ପୋଲିସ ଏବଂ ୟୁନିସେଫଂର ମିଳିତ ସହଯୋଗରେ ଶନିବାର 'ଜୁଭେନ୍‌ଟିକା ଡିଜିଟାଲ ଅଧିକାର ଏବଂ ଶିଶୁଙ୍କ ସୁରକ୍ଷା' ଶୀର୍ଷକ ଦିନିକିଆ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନ୍‌ଲାଇନ ପରିବେଶରେ ଶିଶୁମାନଙ୍କ ଅଧିକାର ଏବଂ କଲ୍ୟାଣକୁ ସୁରକ୍ଷିତ ରଖିବା ପାଇଁ ବିଭିନ୍ନ ଅନୁଷ୍ଠାନ, ପରିବାର ଏବଂ ସମାଜ କିପରି ସହଯୋଗ କରିପାରିବେ ସେନେଇ ଆଲୋଚନା କରାଯାଇଥିଲା। ବିଶେଷକରି ଡିଜିଟାଲ ଦୁନିଆରେ ଶିଶୁମାନେ ସମ୍ମୁଖୀନ ହେଉଥିବା ଆହ୍ୱାନ ଏବଂ ସମ୍ଭାବନାଗୁଡ଼ିକର ମୁକାବିଲା ପାଇଁ ପ୍ରଶାସକ, ବରିଷ୍ଠ ପୋଲିସ ଅଧିକାରୀ, ଶିକ୍ଷାବିତ୍, ଅଭିଭାବକ, ଛାତ୍ରୀଛାତ୍ର ଏବଂ ଶିଶୁ ଅଧିକାର ବିଶେଷଜ୍ଞଙ୍କୁ ଏକାଠି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ବୋଲି କୁହାଯାଇଥିଲା। ଭୁବନେଶ୍ୱରସ୍ଥିତ ପୋଲିସ ଭବନଠାରେ

## ଜୁଭେନ୍‌ଟିକା ଡିଜିଟାଲ ଅଧିକାର, ଶିଶୁ ସୁରକ୍ଷା ଆଲୋଚନାଚକ୍ର


ଆଲୋଚନାଚକ୍ରରେ ଡିଜିପି ଡ. ୱାଇ. ବି. ଖୁରାନିଆଙ୍କ ସହ ଅନ୍ୟ ଦୁଇ ଅଧିକାରୀ।

ଆୟୋଜିତ କାର୍ଯ୍ୟକ୍ରମରେ ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ ଶିଶୁମାନଙ୍କ ପ୍ରତି ଥିବା ସାଇବର ବିପଦ ଏବଂ ଏହାର ମୁକାବିଲା ପାଇଁ ଥିବା ଆଇନ ଉପରେ ଆଲୋକପାତ କରିଥିଲେ। ସାଇବର ନିରାପତ୍ତା ସଚେତନତା ବୃଦ୍ଧି ପାଇଁ ରାଜ୍ୟରେ ୨୦ ନୂତନ ସାଇବର ଥାନା ପ୍ରତିଷ୍ଠା କରାଯିବା ସହ ବୈଷୟିକ ସହାୟତା ପାଇଁ ସାଇବର ବିଶେଷଜ୍ଞଙ୍କୁ ନିୟୋଜିତ କରାଯାଉଛି। ଏଥିସହିତ ୭୧ଟି ପୋଲିସ ଷ୍ଟେଶନରେ 'ଶିଶୁ ଅନୁକୂଳ ସ୍ଥାନର ଉନ୍ନତୀକରଣ କରାଯାଇଛି ଏବଂ ଆଗାମୀ ଦିନରେ ଓଡ଼ିଶା ପୋଲିସକୁ ଶିଶୁ ଅନୁକୂଳ କରିବା ପାଇଁ ସେ ପ୍ରତିଶ୍ରୁତି ଦେଇଥିଲେ। ଡିଜିଟାଲ କ୍ଷେତ୍ରରେ ଶିଶୁଙ୍କୁ ସୁରକ୍ଷା ଦେବା ପାଇଁ ପୋଲିସ ଏବଂ ନାଗରିକ ସମାଜର ମିଳିତ ଦାୟିତ୍ୱ ଉପରେ ଡିଜି ଖୁରାନିଆ ଗୁରୁତ୍ୱାରୋପ କରିଥିଲେ ।

କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର କହିଥିଲେ, ଭାରତର ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ୨୦୧୧ରେ ୧୨୫ ମିଲିୟନରୁ ବୃଦ୍ଧି ପାଇ ୨୦୨୧ରେ ୮୪୫ ମିଲିୟନରେ ପହଞ୍ଚିଛି। ସାଇବର ୱିଙ୍ଗ୍‌ର 'ଚିଲଡ୍ରେନ ଆଣ୍ଡ ୱିମେନ ଅନ୍‌ଲାଇନ ଆବ୍ୟୁଜ ମନିଟରିଂ ୟୁନିଟ' ପକ୍ଷରୁ ଅନ୍‌ଲାଇନରୁ କ୍ଷତିକାରକ ତଥା ଅଶ୍ଳୀଳ ବିଷୟବସ୍ତୁ ହଟାଇବା ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସିଏଡବ୍ଲ୍ୟୁ ଏବଂ ସିଡବ୍ଲୁର ଦାୟିତ୍ୱରେ ଥିବା ଶାଇନ୍ ଏସ୍ ଏବଂ ୟୁନିସେଫ୍ ଓଡ଼ିଶା କାର୍ଯ୍ୟାଳୟର ମୁଖ୍ୟ ପ୍ରଶାନ୍ତ କୁମାର ଦାଶ ଉପସ୍ଥିତ ରହିଥିଲେ।

## ସଂକ୍ଷେପରେ

### ଶ୍ରୀମଦ୍ ଭଗବଦ୍ ଗୀତା ଆଲୋଚନାଚକ୍ର

ବାଲିପାଟଣା,୧୪।୩(ଅଭିମନ୍ୟୁ ନାୟକ): ଶିଶୁ ଅନନ୍ତ ପୀଠରେ ଶନିବାର ଶ୍ରୀମଦ୍ ଭଗବଦ୍ ଗୀତା ଆଲୋଚନାଚକ୍ର ସହିତ ନିଃଶୁଳ୍କ ହୋମିଓପାଥିକ୍ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଗୀତା ଅଭିଯାନର ପ୍ରମୁଖ ଡ. ଅକ୍ଷୟ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଗୀତାର ୧୧ଶ ଅଧ୍ୟାୟ ସମ୍ପର୍କରେ ଆଲୋଚନା ହୋଇଥିଲା। ସାମ୍ପ୍ରତିକ ସ୍ଥିତିରେ ବିଶ୍ୱର ଅସ୍ଥିରତା ସ୍ଥିତିରୁ ମାନବ ସମାଜକୁ ଠିକ୍ ମାର୍ଗଦର୍ଶନ କେବଳ ଗୀତା ହିଁ କରିପାରିବ ବୋଲି କହିଥିଲେ। ଏହି ଅବସରରେ ଭୁବନେଶ୍ୱରସ୍ଥିତ ହୋମିଓପାଥିକ ଗବେଷଣା କେନ୍ଦ୍ର ସହିତ ଡା. ଅଭିନ୍ନ ଚନ୍ଦ୍ର ହୋମିଓପାଥିକ ମେଡିକାଲ କଲେଜ ଓ ପୁରାତନ ଛାତ୍ର ସଂସଦର ମିଳିତ ଆନୁକୂଲ୍ୟରେ ଏକ ନିଃଶୁଳ୍କ ହୋମିଓପାଥିକ ଚିକିତ୍ସା ଶିବିର ହୋଇଥିଲା। ଡା. ବାନାମ୍ବର ପରିଡ଼ା, ଡା. ପ୍ରମୋଦ କୁମାର ବିଶ୍ୱାଳ, ଡା. ଦେବ କୁମାର ଦାସ, ଡା. ପ୍ରସନ୍ନ କୁମାର ପଟ୍ଟନାୟକ, ଡା. ସରିତା ପାତ୍ର, ଡା. ସୁପ୍ରଭା ଉଦ୍‌ଗାତା ପ୍ରମୁଖ ଯୋଗଦେଇ ରୋଗୀଙ୍କ ପରୀକ୍ଷା କରିବା ସହ ଔଷଧ ପ୍ରଦାନ କରିଥିଲେ। ଶିଶୁ ଅନନ୍ତ ସ୍ମୃତି ସଂସଦର ସମ୍ପାଦିକା ତନୟା ଦାସ ଗୋସ୍ୱାମୀ ଏଥିରେ ସହଯୋଗ କରିଥିଲେ।

### ପାଚିକା, ପାଚକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବାଲିଅନ୍ତା,୧୪।୩(ନୀଳମାଧବ ସାହୁ): ବାଲିଅନ୍ତା ବ୍ଲକର ଅଣ୍ଡିଲୋ ସରକାରୀ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ପାଚିକା ଓ ପାଚକଙ୍କୁ ଶନିବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟରେ ପାଚିକା, ପାଚକ ଭାବେ ଦାୟିତ୍ୱ ନିର୍ବାହ କରିଥିବା ବାସନ୍ତୀ ଦଳାଇ ଏବଂ ରୋହିତ ଦଳାଇ ଅସୁସ୍ଥତା କାରଣ ଦର୍ଶାଇ କାର୍ଯ୍ୟରୁ ଓହରି ଯାଇଥିଲେ। ଏନେଇ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ହୋଇଥିଲା। ପ୍ରଧାନଶିକ୍ଷକ ନାରାୟଣ ଲେଙ୍କା, ପରିଚାଳନା କମିଟି ସଭାପତି ଗୋପାଳ ଚନ୍ଦ୍ର ଦଳାଇ, ଉଷା ସାହୁ, ଶିକ୍ଷୟିତ୍ରୀ ଶୁଭଶ୍ରୀ ଖୁଣ୍ଟିଆ, ସରସ୍ୱତୀ ମିଶ୍ର, ନଳିନୀପ୍ରଭା ଦେଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବାସନ୍ତୀ ଏବଂ ରୋହିତ୍‌ଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

### ଶ୍ରମିକଙ୍କ ଅଧିକାର ସଂକ୍ରାନ୍ତ ଆଇନଗତ ସଚେତନତା

ଭୁବନେଶ୍ୱର, ୧୪।୩(ବନ୍ଦନା ସେଠୀ)– ଶ୍ରମିକଙ୍କ ଅଧିକାରର ସୁରକ୍ଷା, ସାମାଜିକ ନିରାପତ୍ତାକୁ ସୁନିଶ୍ଚିତ କରିବା ଏବଂ ସେମାନଙ୍କ ପାଇଁ ଥିବା ଆଇନଗତ ଦିଗ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆକ୍ସନ ଏଡ୍ ଆସୋସିଏଶନ ଓ ସିସିଡବ୍ଲ୍ୟୁଡିର ମିଳିତ ଆନୁକୂଲ୍ୟରେ ରେଡ୍‌କ୍ରସ୍ ଭବନଠାରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏଥିରେ ଖୋର୍ଦ୍ଧା ଜିଲା ଆଇନସେବା ପ୍ରାଧିକରଣର ଆଇନଜୀବୀ ନବୀନ ମହାପାତ୍ର ଯୋଗଦେଇ ଶ୍ରମିକଙ୍କ ଅଧିକାର ସଂକ୍ରାନ୍ତ ଆଇନଗତ ଦିଗ ଉପରେ ଆଲୋଚନା କରିଥିଲେ। ଏଥିସହ ବିଭିନ୍ନ ନଥିପତ୍ର (ଆଇନଗତ ପ୍ରମାଣପତ୍ର) ଉପରେ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଆକ୍ସନ ଏଡ୍ ଆସୋସିଏଶନର ଦେବବ୍ରତ ପାତ୍ର, ଶୁଭେନ୍ଦୁ କୁମାର ରାୟ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆକ୍ସନ ଏଡ୍ କେନ୍ଦ୍ର ସଞ୍ଚାଳକ ସଦାଶିବ ସ୍ୱାଇଁ ବକ୍ତବ୍ୟ ରଖିଥିଲେ। ଶିବ ସାହୁ ପ୍ରାରମ୍ଭିକ ସୂଚନା ଓ ସରସ୍ୱତୀ ପରିଡ଼ା ଧନ୍ୟବାଦ ଦେଇଥିଲେ।


ନୃତ୍ୟାୟନ ପକ୍ଷରୁ ରବନ୍ଦ୍ର ମଣ୍ଡପରେ ଚାଲିଥିବା 'ମୀରା ନୃତ୍ୟ ମହୋତ୍ସବ'ର ଶନିବାର ଉଦ୍‌ଯାପନ ସନ୍ଧ୍ୟାରେ ଶିଳ୍ପୀ ରାଉତରାୟ ଓ ସସ୍ମିତା ମହାନ୍ତି ନୃତ୍ୟ ପରିବେଷଣ କରୁଛନ୍ତି।

# ମେ' ଫେୟାର ହୋଟେଲରେ ରିସେପ୍ସନିଷ୍ଟଙ୍କୁ ନିର୍ଯାତନା

**ଭୁବନେଶ୍ୱର,୧୪।୩(ତ୍ରିନାଥ ମହାନ୍ତି)**

■ହୋଟେଲ ମ୍ୟାନେଜରଙ୍କ ବିରୋଧରେ ଅଭିଯୋଗ ଆଣିଲେ ମହିଳା କର୍ମଚାରୀ

■ମାମଲା ରୁଜୁ କରି ଖୋଳତାଡ଼ କରୁଛି ପୋଲିସ

'ମେ ଫେୟାର' ହୋଟେଲରେ କାମ କରୁଥିବା ଜଣେ ଯୁବତୀ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ଉକ୍ତ ହୋଟେଲର ମ୍ୟାନେଜର ନିର୍ଯାତନା ଦେଉଥିବା ନେଇ ମୈତ୍ରୀବିହାର ଥାନାରେ ଆସାମର ଯୁବତୀ ସୁଚିତ୍ରା ରାୟ ଅଭିଯୋଗ କରିଛନ୍ତି। ସୁଚିତ୍ରାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୧୧୮/୨୬) ରୁଜୁ କରି ତଦନ୍ତ କରୁଛି। ମ୍ୟାନେଜର ସଞ୍ଜୀବ ପଟ୍ଟନାୟକଙ୍କ ନାମରେ ଏହି ମାମଲା ରୁଜୁ କରାଯାଇଥିବା ପୋଲିସ କହିଛି। ଯୁବତୀ ହୋଟେଲ ଆଗରେ ହୋହାଲ୍ଲା କରିବା ସହ ହୋଟେଲକୁ ଆସୁଥିବା ଗ୍ରାହକଙ୍କୁ ବିରୋଧ କରିବାରୁ ସେଠାରେ ପୋଲିସ ମୁତୟନ କରାଯାଇଥିବା ଜଣାପଡ଼ିଛି।

ପୋଲିସ ସୂଚନା ଅନୁସାରେ, ଗତ ୪ବର୍ଷ ହେଲା ସୁଚିତ୍ରା ମେ' ଫେୟାର ହୋଟେଲରେ ରିସେପ୍ସନିଷ୍ଟ ଭାବେ କାମ କରୁଥିଲେ। ସେଠାରେ ସଞ୍ଜୀବ ତାଙ୍କୁ ନିର୍ଯାତନା ଦେଉଥିଲେ। ତାଙ୍କୁ ଚା' କରି ଆଣିବାକୁ କହିବା ସହ ନିଜ କାମ କରିବାକୁ ବାଧ୍ୟ କରୁଥିଲେ। ସେ କାମ ନ କଲେ ତାଙ୍କୁ ଗାଳିଗୁଲଜ କରିବା ସହ ଦୁର୍ବ୍ୟବହାର କରୁଥିଲେ। ଏପରିକି ଛୁଟି ମାଗିଲେ ମଧ୍ୟ ଦେଉ ନ ଥିଲେ। ଏଭଳି ମାନସିକ ନିର୍ଯାତନା ଯୋଗୁ ସେ ଭାଙ୍ଗି ପଡ଼ିଛନ୍ତି। ନିର୍ଯାତନା ସମ୍ପର୍କରେ ହୋଟେଲର ଉଚ୍ଚ ଅଧିକାରୀଙ୍କୁ ଜଣାଇବା ପରେ ତାଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ବାହାର କରି ଦିଆଯାଇଥିବା ସୁଚିତ୍ରା ଅଭିଯୋଗ କରିଛନ୍ତି। ଏନେଇ ମୈତ୍ରୀବିହାର ଥାନା ଅଧିକାରୀ ରବି ନାରାୟଣ ବେହେରା କହିଛନ୍ତି, ଯୁବତୀ ସେଠାରେ କାମ କରୁଥିଲେ। ମ୍ୟାନେଜର ତାଙ୍କୁ ନିର୍ଯାତନା ଦେଉଥିବା ନେଇ ଯୁବତୀ ଅଭିଯୋଗ କରିବା ପରେ ମାମଲା ରୁଜୁ କରି ତଦନ୍ତ କରୁଛୁ।

# ଜାତୀୟ ଭ୍ରାମ୍ୟମାଣ କଳା ପ୍ରଦର୍ଶନୀ 'ଏକା-ଦି ୱାନ୍' ଉଦ୍‌ଘାଟିତ


କଳାପ୍ରେମୀମାନେ 'ଏକା-ଦି ୱାନ୍' ପ୍ରଦର୍ଶନୀ ବୁଲି ଦେଖୁଛନ୍ତି। (ଫଟୋ: ବିକାଶ ନାୟକ)

**ଭୁବନେଶ୍ୱର,୧୪।୩ (ସୌମ୍ୟରଞ୍ଜନ ରାଉତ)**

ବିଶିଷ୍ଟ ଚିତ୍ରଶିଳ୍ପୀ ତଥା ଚଳଚ୍ଚିତ୍ର ପ୍ରଯୋଜକ ଡ. ବୀନା ଉନ୍ନିକ୍ରିଷ୍ଣନ୍‌ଙ୍କ ଜାତୀୟ ଭ୍ରାମ୍ୟମାଣ କଳା ପ୍ରଦର୍ଶନୀ 'ଏକା-ଦି ୱାନ୍' ଶନିବାର ବୁଦ୍ଧ ଆର୍ଟ ଗ୍ୟାଲେରିଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ଭୁବନେଶ୍ୱର ଉପକଣ୍ଠ ହୀରାପୁରସ୍ଥିତ ଚଉଷଠି ଯୋଗିନୀ ମନ୍ଦିରର ଆଧାତ୍ମିକ ଐତିହ୍ୟ, ୬୪ ଯୋଗିନୀଙ୍କ ସମସାମୟିକ ଚିତ୍ର ସ୍ଥାନ ପାଇଛି। ଲଳିତ କଳା ଏକାଡେମୀ ସଚିବ ଦେବଯାନୀ ଭୂୟାଁ ଏହାକୁ ଉଦ୍‌ଘାଟନ କରିବା ସହ ଉକ୍ତ ପରିକଳ୍ପନାକୁ ପ୍ରଶଂସା କରିଛନ୍ତି। ପ୍ରଦର୍ଶନୀ ସମ୍ପର୍କରେ ଡ. ଉନ୍ନିକ୍ରିଷ୍ଣନ କହିଛନ୍ତି, ଏହି ପ୍ରଦର୍ଶନୀ ମହତ୍ତ୍ୱାକାଂକ୍ଷୀ '୬୪ ଯୋଗିନୀ ଟ୍ରେଲ୍'ର ଏକ ଅଂଶବିଶେଷ, ଯାହାକି ଦେଶର ୧୬ଟି ରାଜ୍ୟରେ ୧୦ ହଜାର କିଲୋମିଟରରୁ ଅଧିକ ଅତିକ୍ରମ କରୁଥିବା ଏକ ଜାତୀୟ କଳାତ୍ମକ ଯାତ୍ରା। ଚେନ୍ନାଇରୁ ଆରମ୍ଭ ହୋଇ କେରଳ ଓ କୋଇମ୍ବାଟୁର ପରେ ଭୁବନେଶ୍ୱରରେ ପହଞ୍ଚିଥିବା ଏହି ପ୍ରକଳ୍ପ ସମସାମୟିକ ଦୃଶ୍ୟକଳା ମାଧ୍ୟମରେ ଭାରତର ପ୍ରାଚୀନ ପବିତ୍ର ନାରୀ-ଶକ୍ତି ପରମ୍ପରାକୁ ଉଜ୍ଜୀବିତ କରୁଛି। ପ୍ରଦର୍ଶନୀ ସହ ସାଂସ୍କୃତିକ ଆଲୋଚନା ଏଠାକୁ ବୁଲିବାକୁ ଆସୁଥିବା କଳାପ୍ରେମୀଙ୍କୁ ଭିନ୍ନ ଅନୁଭୂତି ଦେଉଛି। ଏହି ପ୍ରଦର୍ଶନୀ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଡ. ଉନ୍ନିକ୍ରିଷ୍ଣନ କହିଛନ୍ତି।

# ନିର୍ମାଣାଧୀନ କୋଠାରୁ ପଡ଼ି ଶ୍ରମିକ ମୃତ

ଭୁବନେଶ୍ୱର,୧୪।୩(ତ୍ରିନାଥ ମହାନ୍ତି): ଚନ୍ଦ୍ରଶେଖରପୁର ଥାନା ପ୍ରାଚୀ ଏନ୍‌କ୍ଲେଭ୍‌ରେ ଘର ନିର୍ମାଣ କାମ ଚାଲିଥିବାବେଳେ ଏକ ଦୁର୍ଘଟଣା ଘଟିଛି। ନିର୍ମାଣାଧୀନ ଘରୁ ଖସିପଡ଼ି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ହେଲେ ସାଲିଆସାହିର ଲିପୁ ଆଳତିଆ। ୩ତାଲା ଘରୁ ଖସିବା ପରେ ତଳେ ଥିବା ଲୁହାରଡ଼ ତାଙ୍କ ଦେହରେ ପଶି ଯିବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଚନ୍ଦ୍ରଶେଖରପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। କିଭଳି ଭାବେ ଘର ମାଲିକ ବିନା ସେଫ୍ଟିରେ କାମ କରାଉଥିଲେ ତାହାର ଖୋଳତାଡ଼ କରାଯାଉଥିବା ପୋଲିସ ସୂଚନା ଦେଇଛି।

# ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ

**ବାରଙ୍ଗ,୧୪।୩(ଲିଙ୍ଗରାଜ ରାଉତ)**

ନନ୍ଦନବିହାରସ୍ଥିତ ଲୋକନାଥ ଦେବଙ୍କ ପୀଠରେ ନନ୍ଦନବିହାର ବିକାଶ ପରିଷଦ ପକ୍ଷରୁ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାସ୍ତାଘାଟ, ଆଲୋକୀକରଣ, ସଫେଇ, ଡ୍ରେନେଜ୍ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ବିଶେଷକରି ବର୍ଷାଜଳ ନିଷ୍କାସନ ହେଉ ନ ଥିବାରୁ ବାସିନ୍ଦା ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏହାର ସ୍ଥାୟୀ ପ୍ରତିକାର ପାଇଁ ପ୍ରଶାସନ ପକ୍ଷରୁ ଯଦି କୌଣସି ପଦକ୍ଷେପ ଗ୍ରହଣ ନ କରାଯାଏ, ତେବେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ସଭାପତି ଦେବାଶିଷ ମହାପାତ୍ର, ଉପସଭାପତି ସ୍ମୃତିରଞ୍ଜନ ଦାସ, ସ୍ମିତା ଦାସ, ଅଂଶୁ ତ୍ରିପାଠୀ, ଶୁଭେନ୍ଦୁ ଶେଖର ମହାନ୍ତି, ସାଧାରଣ ସମ୍ପାଦକ ନାରାୟଣ ପଟ୍ଟନାୟକ, ସହସମ୍ପାଦକ ତ୍ରିଲୋଚନ ପରିଡ଼ା, କୋଷାଧ୍ୟକ୍ଷ ଅନ୍ତର୍ଯ୍ୟାମୀ ଦାଶ, କାର୍ଯ୍ୟାଳୟ ସମ୍ପାଦକ ପ୍ରଫୁଲ୍ଲ କୁମାର ଦାଶ, ମୁଖ୍ୟ ଉପଦେଷ୍ଟା ଅଜୟ କୁମାର ସାହୁଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ବିଭାଗ ପକ୍ଷରୁ ଲୋକ ଅଦାଲତ



**ବାରଙ୍ଗ,୧୪।୩(ଲିଙ୍ଗରାଜ ରାଉତ)**

ଗୋଡ଼ିସାହି ବିଦ୍ୟୁତ୍ ବିଭାଗ ପକ୍ଷରୁ ଶନିବାର କାର୍ଯ୍ୟାଳୟଠାରେ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୩୮ଜଣ ଉପଭୋକ୍ତା ସାମିଲ ହୋଇଥିଲେ। ବକେୟା ରାଶି, ମିଟର ଟ୍ୟାମ୍ପରିଂ ଭଳି ଅନେକ ଅଭିଯୋଗର ଶୁଣାଣି କରାଯାଇଥିଲା। ଅଭିଯୋଗର ଶୁଣାଣି କରାଯାଇ କିଛି ଟଙ୍କା ଛାଡ଼ ମଧ୍ୟ କରାଯାଇଥିଲା। ବିଚାର ଅନୁସାରେ, ବକେୟା ଅର୍ଥ ଉପଭୋକ୍ତାମାନେ ପଇଠ କରିଥିବା ବେଳେ ପ୍ରାୟ ୫ ଲକ୍ଷ ଟଙ୍କା ଆଦାୟ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅଦାଲତର ମୁଖ୍ୟ ଭାବେ ନିର୍ବାହୀଯନ୍ତ୍ରୀ ଶୁଭକାନ୍ତ ତ୍ରିପାଠୀ ଯୋଗଦେଇଥିଲେ। ସହକାରୀ ଯନ୍ତ୍ରୀ ସୂର୍ଯ୍ୟପ୍ରକାଶ ବେଉରା, ଏସ୍‌ଡିଓ ବାସୁଦେବ ପଣ୍ଡାଙ୍କ ସହ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ୨୮୮ତମ 'ମିଟ୍ ଦ ଆର୍ଟିଷ୍ଟ' କାର୍ଯ୍ୟକ୍ରମରେ ବସନ୍ତ

**ଭୁବନେଶ୍ୱର,୧୪।୩(ସୁଚିସ୍ମିତା ସାହୁ)**

ଜେ.ଡି. ସେଣ୍ଟର ଅଫ୍ ଆର୍ଟର ୨୮୮ତମ 'ମିଟ୍ ଦ ଆର୍ଟିଷ୍ଟ' କାର୍ଯ୍ୟକ୍ରମ ଶନିବାର ନୟାପଲ୍ଲୀସ୍ଥିତ ସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରସଙ୍ଗ ରହିଥିଲା 'ବସନ୍ତ ଋତୁ'। ଫଟୋଗ୍ରାଫର ଦେବେନ୍ଦ୍ର କୁମାର ପଟ୍ଟନାୟକ ତାଙ୍କ ଫଟୋଗ୍ରାଫିରେ ବସନ୍ତ ଋତୁ ବିଷୟରେ ଆଲୋକପାତ କରିଥିଲେ। ଲ୍ୟାଣ୍ଡସ୍କେପ, ୱାଇଲ୍ଡ ଲାଇଫ୍ ଓ ଐତିହ୍ୟ ଗୁରୁତ୍ୱ ବହନ କରୁଥିବା ସ୍ଥାନଗୁଡ଼ିକର ଫଟୋଗ୍ରାଫି କରିବାରେ ଦେବେନ୍ଦ୍ରଙ୍କର ପ୍ରମୁଖ ରୁଚି ରହିଛି। ପ୍ରକୃତି ଲାଣ୍ଡସ୍କେପ, ପକ୍ଷୀ, ପ୍ରଜାପତି, ଗଛ, ଫୁଲ ବିଶେଷକରି ପଦ୍ମ ଓ କୁମୁଦିନୀ ତାଙ୍କର ପ୍ରିୟ ଫଟୋଗ୍ରାଫ। ସେ ଭାରତର ବିଭିନ୍ନ ସ୍ଥାନ ଓ ଜାତୀୟ ଉଦ୍ୟାନରେ ପକ୍ଷୀ ଓ ବନ୍ୟପ୍ରାଣୀଙ୍କର ମଧ୍ୟ ଫଟୋଗ୍ରାଫି କରିଛନ୍ତି। ଗତ ଦୁଇବର୍ଷ ଧରି ସେ ଲଦାଖ ଯାଇ ସେଠାକାର ଅସାଧାରଣ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଆଲୋକକୁ ଧରି ରଖିବାର ପ୍ରୟାସ କରିଛନ୍ତି। ସନ୍ଧ୍ୟାରେ ଜେ.ଡି.ସି.ଏ ଟ୍ରଷ୍ଟି ଜଗଦାନନ୍ଦ ତାଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ପ୍ରସନ୍ନ କୁମାର ପଣ୍ଡା, ବିଶଜିତ ରାଉତ, ବିକାଶ କୁମାର ଡାକୁଆ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଗ୍ୟାସ୍ କଳାବଜାର ରୋକିବା ପାଇଁ ଗଠନ ହେଉ ସ୍ୱତନ୍ତ୍ର ସ୍କ୍ୱାଡ୍

**ପୁରୁଣା ଭୁବନେଶ୍ୱର,୧୪।୩ (ସୁବାସ ଚନ୍ଦ୍ର ପ୍ରଧାନ)**

ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଯୋଗୁ ରାଜ୍ୟରେ ଘରୋଇ ଏବଂ ବ୍ୟବସାୟିକ ରନ୍ଧନ ଗ୍ୟାସ୍ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଫଳରେ ବଜାରରେ ଏହାର ଅଭାବ ଦେଖାଦେଇଛି। ଏହି ସମୟରେ କେତେଜଣ ଅସାଧୁ ବ୍ୟବସାୟୀ କଳାବଜାର ଆରମ୍ଭ କରିଥିବା ଅଭିଯୋଗ ଆଣି ସାମାଜିକ କର୍ମୀ ସୁଶାନ୍ତ ସାହୁ ଏନେଇ ଯୋଗାଣ ମନ୍ତ୍ରୀଙ୍କୁ ଏକ ପତ୍ର ଲେଖିଛନ୍ତି। ସେ ତାଙ୍କ ପତ୍ରରେ କଳାବଜାର ରୋକିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରି ଚଢ଼ାଉ କରିବାକୁ ଦାବି କରିଛନ୍ତି। ଗ୍ୟାସ୍ ଉପରେ ନିର୍ଭରଶୀଳତା କମାଇବା ପାଇଁ ସରକାର ସୌରଶକ୍ତି ଓ ଇଣ୍ଡକ୍ସନ ଚୁଲି ବ୍ୟବହାର କ୍ଷେତ୍ରରେ ରିହାତି ପ୍ରଦାନ କରନ୍ତୁ ବୋଲି ସେ ଦର୍ଶାଇଛନ୍ତି। ଭବିଷ୍ୟତରେ ସଙ୍କଟର ମୁକାବିଲା ପାଇଁ ରାଜ୍ୟରେ ଏକ 'ଜରୁରୀକାଳୀନ ଗ୍ୟାସ୍ ଭଣ୍ଡାର' ସୃଷ୍ଟି କରାଯାଉ। ଡିଜିଟାଲ ମନିଟରିଂ ସିଷ୍ଟମ୍ ଏବଂ ଟ୍ରାକିଂ ସିଷ୍ଟମ ଜରିଆରେ ପ୍ରତି ଏଜେନ୍ସିର ଷ୍ଟକ୍ ସ୍ଥିତି ଓ ଚାଲାଣ ସ୍ଥିତିକୁ ତନଖି କରିବାକୁ ମଧ୍ୟ ସେ ଦାବି କରିଛନ୍ତି।

# ଏଲ୍‌ଇଡି ଡ୍ରୋନ୍‌ରେ 'ମନ୍ତ୍ର ମୁଗ୍ଧ'ର ଟିଜର ଲୋକାର୍ପଣ

**ଭୁବନେଶ୍ୱର,୧୪।୩(ସୌମ୍ୟରଞ୍ଜନ ରାଉତ)**

**ମେ' ୧ରେ ମୁକ୍ତିଲାଭ**

ଓଡ଼ିଆ ଚଳଚ୍ଚିତ୍ର 'ମନ୍ତ୍ର ମୁଗ୍ଧ'ର ଟିଜର ଲୋକାର୍ପଣ ଉତ୍ସବ ଶନିବାର ସନ୍ଧ୍ୟାରେ ବୁଦ୍ଧ ଜୟନ୍ତୀ ପାର୍କଠାରେ ଅନୁଷ୍ଠିତ ହୋଇଯାଇଛି। ଓଲିଉଡ୍ ଇତିହାସରେ ପ୍ରଥମଥର ପାଇଁ ଅତ୍ୟାଧୁନିକ 'ଏଲ୍‌ଇଡି ଡ୍ରୋନ୍ ପ୍ରଦର୍ଶନୀ' ମାଧ୍ୟମରେ ଚଳଚ୍ଚିତ୍ରର ଟିଜରକୁ ଆକାଶମାର୍ଗରେ ପ୍ରଦର୍ଶିତ କରାଯାଇ ଦର୍ଶକଙ୍କୁ ଆକର୍ଷିତ କରାଯାଇଛି। ପ୍ରାୟ ୪୦ ମିନିଟ୍ ଧରି ଚାଲିଥିବା ଏହି ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ୩ଟି ଡ୍ରୋନ୍ ସାହାଯ୍ୟରେ ଶହେଫୁଟ ଉଚ୍ଚତାରେ ଏକ ଭିଜୁଆଲ ସିକ୍ୟୁଏନ୍ସ ପ୍ରସ୍ତୁତ କରାଯାଇଥିଲା। ଜାତୀୟ ପୁରସ୍କାର ବିଜେତା ଚଳଚ୍ଚିତ୍ର ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ସିନେମାର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି ବର୍ଷା ପଟ୍ଟନାୟକ। ମୁଖ୍ୟ କଳାକାର ଭାବେ ସନୋଜ କୁମାର, ମନମୟ ଦେ, ସାର୍ଥକ ଭରଦ୍ୱାଜ, ଦୀପାନ୍ୱିତ ଦାଶମହାପାତ୍ର, ଭୂମିକା ଦାଶ, ହର ରଥ, ଚୌଧୁରୀ ଜୟପ୍ରକାଶ ଦାସ, ସୂର୍ଯ୍ୟମୟୀ ମହାପାତ୍ରଙ୍କ ସହ ଅନ୍ୟ କଳାକାର ରହିଛନ୍ତି। ଆସନ୍ତା ମେ' ୧ରେ ଏହି ସିନେମା ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ ବୋଲି ସୂଚନା ଦିଆଯାଇଛି।



ଚଳଚ୍ଚିତ୍ରର ଟିଜର ଲୋକାର୍ପଣ ଉତ୍ସବରେ ଅଭିନେତା, ଅଭିନେତ୍ରୀ ଓ ଅନ୍ୟ କଳାକାରଙ୍କ ସହ ଅନ୍ୟମାନେ।

# ଓଡ଼ିଆ ଭାଷାର ପ୍ରାଚୀନତା ଏହାର ଐତିହ୍ୟ, ସଂସ୍କୃତିରେ ବିଦ୍ୟମାନ

**ଭୁବନେଶ୍ୱର,୧୪।୩ (ସୌମ୍ୟରଞ୍ଜନ ରାଉତ)**

ଓଡ଼ିଆ ଭାଷାର ପ୍ରାଚୀନତା ଏହାର ଐତିହ୍ୟ ଓ ସଂସ୍କୃତିରେ ବିଦ୍ୟମାନ। ଓଡ଼ିଆ ସାହିତ୍ୟର ଯୁଗାନ୍ତକାରୀ ସୃଷ୍ଟି ସାରଳା ମହାଭାରତ, ଜଗମୋହନ ରାମାୟଣ, ଭାଗବତ ଏହାର ଅସ୍ମିତା ଭାବେ ପରିଚିତ ହୋଇଆସିଛି ବୋଲି ଅବସରପ୍ରାପ୍ତ ଆଇଏଏସ୍ ଅଫିସର ସୁଦର୍ଶନ ନାୟକ ମତବ୍ୟକ୍ତ କରିଛନ୍ତି। ଓଡ଼ିଆ ସାହିତ୍ୟ ଏକାଡେମୀ ଏବଂ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଶନିବାର ବିଶ୍ୱବିଦ୍ୟାଳୟଠାରେ ଆୟୋଜିତ 'ଓଡ଼ିଆ ଅସ୍ମିତା ଓ ଭାଷାର ଶାସ୍ତ୍ରୀୟତା' ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି ସୁଦର୍ଶନ ଏହା କହିଛନ୍ତି। ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଓଡ଼ିଆଙ୍କ ଖାଦ୍ୟପେୟ, ବେଶଭୂଷାରେ ଓଡ଼ିଆ ଅସ୍ମିତାର କିପରି ପ୍ରତିଫଳନ ଘଟିଛି, ତାହା ଉପରେ ମତ ରଖିଥିଲେ। ମୁଖ୍ୟବକ୍ତା ସାହିତ୍ୟିକ ଡ. ରମେଶ ଚନ୍ଦ୍ର ବେହେରା କହିଲେ, ଓଡ଼ିଆ ଭାଷାର ପ୍ରାଚୀନ ବିଭବ ଓ ଏହାର ପ୍ରାଚୀନ ସାହିତ୍ୟ କେବଳ ଶାସ୍ତ୍ରୀୟତାର ଗୁଣ ନୁହେଁ, ବରଂ ଅସ୍ମିତାର ପରିଚୟ। ଅନ୍ୟତମ ଅତିଥି ଭାବେ ସାରଳା ଦାସ ଚେୟାରର ପ୍ରଫେସର ଡ. ପ୍ରେମାନନ୍ଦ ମହାପାତ୍ର, ଡ. ମମତାରାଣୀ ବେହେରା, ଡ. ଦେବାଶିଷ ମହାପାତ୍ର, ଡ. ତ୍ରିନାଥ ମଲ୍ଲିକ, ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଉପସ୍ଥିତ ଥିଲେ। ଏକାଡେମୀର ସହସଚିବ ସଞ୍ଜୟ କୁମାର ଛୁଆଳସିଂହ ସ୍ୱାଗତ ଭାଷଣ ଦେଇଥିଲେ। ଓଡ଼ିଆ ବିଭାଗ ଛାତ୍ରୀ ଲକ୍ଷ୍ମୀପ୍ରିୟା ଜେନା ଧନ୍ୟବାଦ ପ୍ରଦାନ କରିଥିଲେ।



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୧୪।୩।୨୦୨୬

| ୪,୯୫,୭୩୯ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

# ରାଷ୍ଟ୍ରୀୟ ଲୋକ ଅଦାଲତ: ୧୨,୨୯୧ ମାମଲା ଫଇସଲା

ପୁରୀ,୧୪।୩(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ପୁରୀ, ନିମାପଡ଼ା, ପିପିଲି, କୋଣାର୍କ, କଣାସ, ବ୍ରହ୍ମଗିରି, ଅସ୍ତରଙ୍ଗ ଓ କାକଟପୁର କୋର୍ଟରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନସେବା ପ୍ରାଧିକରଣ ଅଧକ୍ଷା ତଥା ଜିଲା ଓ ଦୌରାଜଜ୍ ଅଜନ୍ତା ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ପ୍ରାଧିକରଣର ଭାରପ୍ରାପ୍ତ ସଚିବ ଶୋଭେନ କାନୁନଗୋଙ୍କ ପରିଚାଳନାରେ ଆୟୋଜିତ ଏହି ଲୋକ ଅଦାଲତରେ ୧୨,୨୯୧ଟି ମାମଲା ଫଇସଲା କରାଯିବା ସହ ଜରିମାନା ଓ କ୍ଷତିପୂରଣ ବାବଦରେ ୩,୬୭,୬୩,୮୩୭ ଟଙ୍କା ଆଦାୟ କରାଯାଇଛି। ଜିଲା ଓ ଦୌରାଜଜ୍ ଏହି ଲୋକ ଅଦାଲତକୁ ଉଦ୍‌ଘାଟନ କରିଥିଲେ। ପରିବାର ଅଦାଲତ ବିଚାରପତି ସୁମିତା ଜେନା, ତୃତୀୟ ଅତିରିକ୍ତ ଜିଲା ଓ ଦୌରାଜଜ୍ ଚିନ୍ମୟୀ ଦେହୁରୀ, ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ପ୍ରଜ୍ଞା ପଣ୍ଡା, ଦ୍ୱିତୀୟ ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ସୋନାଲି ଅପରାଜିତା, ଉପଖଣ୍ଡ ବିଚାର ବିଭାଗୀୟ ବିଚାରପତି ପତିତପାବନ ପଣ୍ଡା, ଗ୍ରାମ ନ୍ୟାୟକାରୀ ସୋନାଲି ମହାନ୍ତି, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ରିତିକା ଗର୍ଗ, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଅନିମେଶ ଜେନା, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ସୌରଭ ମହାପାତ୍ର, ଚେତନ ଲାଡ଼ା, ଶିବାନୀ ମହାପାତ୍ର, ନିଲିସା ପଟ୍ଟନାୟକ ଯୋଗଦେଇ ମାମଲାଗୁଡ଼ିକର ବିଚାର କରିଥିଲେ। ଲୋକ ଅଦାଲତରେ ୫୦ଟି ମୋଟର ଦୁର୍ଘଟଣା ମାମଲା ବିଚାର କରାଯାଇ ୨,୮୯,୮୨,୦୦୦ ଟଙ୍କା ଆଦାୟ କରାଯାଇଛି। ସେହିପରି ୩୬ଟି ଚେକ୍ ବାଉନ୍ସ, ୬ଟି ମନି ରିକୋଭରି କେସ୍, ୩୨ଟି ବିବାହ ସମ୍ବନ୍ଧିତ ମାମଲା, ୭୩ଟି ସିଭିଲ କେସ୍, ୩୦୨ଟି ଅନ୍ୟ କ୍ରିମିନାଲ କେସ୍‌ର ଫଇସଲା କରାଯାଇଥିଲା। ଏହାବ୍ୟତୀତ ୨୦୭ଟି ପ୍ରାକ୍ ମକଦ୍ଦମାର ଫଇସଲା କରାଯାଇ ବ୍ୟାଙ୍କରଣ ବାବଦକୁ ୪୧,୭୦,୧୩୦ ଟଙ୍କା ଆଦାୟ କରାଯାଇଛି। ଏହି ଅବସରରେ ପୁରୀ ଜିଲା କାରାଗାରର କଏଦୀମାନଙ୍କ ଦ୍ୱାରା ପ୍ରସ୍ତୁତ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷଗୁଡ଼ିକର ଷ୍ଟଲ୍ ଆୟୋଜନ କରାଯାଇଥିଲା।




ପୁରୀଠାରେ ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଚାରପତି ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ।

## ସଂକ୍ଷେପରେ

### ସାହିଯାତ ପାଇଁ ମିଳିତ ଶାନ୍ତି କମିଟି ବୈଠକ

ପୁରୀ,୧୪।୩(ଅଜିତ୍ କୁମାର ମହାନ୍ତି)

ରାମନବମୀଠାରୁ ଶ୍ରୀମନ୍ଦିର ସମେତ ଶ୍ରୀକ୍ଷେତ୍ରରେ ଚଳିତବର୍ଷ ମାର୍ଚ୍ଚ ୨୭ରୁ ସାହିଯାତ ଆରମ୍ଭ ହେବ। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ ସହ ବିଭିନ୍ନ ସାହି ଆଖଡ଼ା ସହ ଆଲୋଚନା କରାଯାଉଛି। ଏହି ପରିପ୍ରେକ୍ଷୀରେ ଶନିବାର ସନ୍ଧ୍ୟାରେ ହରଚଣ୍ଡୀ ସାହି ଆଖଡ଼ା ଓ ବାଲିସାହି ଆଖଡ଼ା ମିଳିତ ଶାନ୍ତି କମିଟି ବୈଠକ ତାପଙ୍ଗ ଜାଗା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ପ୍ରତୀକ ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଉଭୟ ସାହିର ବରିଷ୍ଠ ମୁରବି ତଳୁଛ ନୀଳକଣ୍ଠ ମହାପାତ୍ର, ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଛତିଶା ନିଯୋଗ ନାୟକ ପାଟଯୋଶୀ ମହାପାତ୍ର, ମଧୁସୂଦନ ସିଂହାରୀ, ନାରାୟଣ ମହାସୁଆର, ଭଗବାନ ସୁଆର, ଦୀନବନ୍ଧୁ ପ୍ରତିହାରୀ, ନାରାୟଣ ମେକାପ, ମାଧବ ମହାପାତ୍ର, ମାଧବ ପୂଜାପଣ୍ଡା ସାମନ୍ତ, ଗୌରହରି ପ୍ରଧାନ, ଆର୍ତ୍ତତ୍ରାଣ ମହାପାତ୍ର, ହରିହର ପତ୍ରୀ, ସିଟି ଡିଏସ୍‌ପି ରଶ୍ମିରଞ୍ଜନ ମହାପାତ୍ର, ଟାଉନ ଥାନା ଅଧିକାରୀ ଗୋକୁଳ ରଞ୍ଜନ ଦାସ ଯୋଗଦେଇଥିଲେ। ସାହିଯାତରେ ନିଶାସେବନ, ହତିଆର ବ୍ୟବହାର, ଗାଡ଼ିମୋଟର ପ୍ରବେଶ, ରାସ୍ତା ଉପରେ ଖଟ ପକାଇବା ଉପରେ କଟକଣା କରିବାକୁ ନିଷ୍ପତ୍ତି ହୋଇଥିଲା। ରାଜ୍ୟ ସରକାର, ଜିଲା ପ୍ରଶାସନ, ଜିଲା ପୋଲିସ ପ୍ରଶାସନ ଏବଂ ଶ୍ରୀମନ୍ଦିର ପ୍ରଶାସନର ଅକୁଣ୍ଠ ସହଯୋଗ ପାଇଁ ଧନ୍ୟବାଦ ଦିଆଯାଇଥିଲା।

### କଣାସରେ ରାଷ୍ଟ୍ରୀୟ ଲୋକ ଅଦାଲତ

କଣାସ,୧୪।୩(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ଜେଏମ୍‌ଏଫ୍‌ସି କୋର୍ଟରେ ଚଳିତବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜଜ୍ ଶ୍ରୀୟା ରିତୁପର୍ଣ୍ଣା ସାହୁ ଯୋଗଦେଇ ୧୬ଟି ଫୌଜଦାରି ମକଦ୍ଦମାର ଫଇସଲା କରିଥିଲେ। ଜିଲା ଆଇନ ପ୍ରାଧିକରଣର ଆଇନଜୀବୀ ସୁଶାନ୍ତ କୁମାର ମହାନ୍ତି, ନାଜିର ଆଶିଷ କୁମାର ଭଟ୍ଟାଚାର୍ଯ୍ୟ, ପେସ୍କାର କୃଷ୍ଣଚନ୍ଦ୍ର ଶତପଥୀ, ଜ୍ୟୋତିରଞ୍ଜନ ପାଢ଼ୀ, ଏଜିପି ଅଶୋକ କୁମାର ପାଣିଗ୍ରାହୀ, କଣାସ ବାର୍ ଆସୋସିଏଶନ ସମ୍ପାଦକ ବିଶ୍ୱନାଥ ବେହେରା ଏବଂ ଅନ୍ୟ ଆଇନଜୀବୀ ଉପସ୍ଥିତ ଥିଲେ।

### ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ସାକ୍ଷୀଗୋପାଳ,୧୪।୩(ଭରତ ରାଉତ)

ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ସଭାଗୃହରେ ଗତ ୬ତାରିଖରୁ ଚାଲିଥିବା ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅଧକ୍ଷ ଅଜୟ କୁମାର ପାଣି ସଭାପତିତ୍ୱ କରିଥିଲେ। ଛାତ୍ରୀଙ୍କୁ ସ୍ୱାବଲମ୍ବୀ, ସାହସୀ ଓ ଆତ୍ମବିଶ୍ୱାସୀ କରିବା ଦିଗରେ ଏହି ପ୍ରଶିକ୍ଷଣ ଶିବିର ସହାୟକ ହେବ ବୋଲି ଅଧକ୍ଷ ପାଣି କହିଥିଲେ। ସମ୍ମାନିତ ଅତିଥି ଭାବେ ଗଣିତ ବିଭାଗର ମୁଖ୍ୟ ପ୍ରାଧାପକ ଧନୁର୍ଦ୍ଧର ମୁଦୁଲି ଯୋଗଦେଇଥିଲେ। କଲେଜର ବଡ଼ବାବୁ ସିତାଂଶୁ କୁମାର ମହାପାତ୍ର, ପୂର୍ବତନ ବଡ଼ବାବୁ ରାଜକିଶୋର ପତି, କୋଷାଧକ୍ଷ ମହେଶ୍ୱର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅଧାପିକା ଦେବସ୍ମିନ ଜାଲି ସଂଯୋଜନା କରିଥିବା ବେଳେ ସତ୍ୟଭାମା ମୁଦୁଲି ପ୍ରଶିକ୍ଷଣ ଦେଇଥିଲେ। କୋଷାଧକ୍ଷ ମହେଶ୍ୱର ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।



ପୁରୀ ସାରସ୍ୱତ ବିଦ୍ୟା ନିକେତନର ବାର୍ଷିକ ଉତ୍ସବରେ ଶିଶୁମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି । (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

## ଉନ୍ନୟନ ଯୋଜନାର ସମୀକ୍ଷା କଲେ ଅର୍ଥ ବିଭାଗ ପ୍ରମୁଖ ସଚିବ

ପୁରୀ,୧୪।୩(ଅଜିତ୍ କୁମାର ମହାନ୍ତି)

ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହରେ ଶନିବାର ଅର୍ଥ ବିଭାଗର ପ୍ରମୁଖ ସଚିବ ସଞ୍ଜୀବ କୁମାର ମିଶ୍ରଙ୍କ ଅଧକ୍ଷତାରେ ବିଭିନ୍ନ ଜିଲାସ୍ତରୀୟ ସରକାରୀ ଯୋଜନାର କାର୍ଯ୍ୟକାରିତା ନେଇ ସମୀକ୍ଷା କରାଯାଇଛି। ବୈଠକରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଅଧକ୍ଷତା କରିଥିଲେ। ମୁଖ୍ୟ ଚିକିତ୍ସା ଅଧିକାରୀ ଅକ୍ଷୟ କୁମାର ଶତପଥୀ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଯୋଜନା ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ପାଇପ ମାଧ୍ୟମରେ ବିଭିନ୍ନ ଗ୍ରାମକୁ ଜଳଯୋଗାଣ ସମ୍ପର୍କରେ ବିଭାଗୀୟ ଅଧିକାରୀ ମତ ରଖିଥିଲେ। ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କୁ ମିଶ୍ର ଜିଲାର ବିଭିନ୍ନ ସମ୍ପୂର୍ଣ୍ଣ ଓ ଅସମ୍ପୂର୍ଣ୍ଣ ରାସ୍ତାର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ। ନୂତନ ରେଳ ଲାଇନ ଓ ଏରୋଡ୍ରୋମ୍ ପଡ଼ିଆ ନିମନ୍ତେ ଆବଶ୍ୟକ ଥିବା ଜମିର ପରିମାଣ ସମ୍ବନ୍ଧରେ ଭୂଅର୍ଜନ ଅଧିକାରୀଙ୍କଠାରୁ ଅବଗତ ହୋଇଥିଲେ। ଜିଲା ଶିକ୍ଷା ଅଧିକାରୀ ଜିଲାରେ ବ୍ଲକ୍ ଶିକ୍ଷାଧିକାରୀଙ୍କ ଅଭାବ ସମ୍ପର୍କରେ ଅବଗତ କରିଥିଲେ। ଅର୍ଥ ବିଭାଗ ପ୍ରମୁଖ ସଚିବ ମିଶ୍ର ୨୦୩୬ ମସିହା ତଥା ଆଗାମୀ ୧୦ ବର୍ଷ ମଧ୍ୟରେ ଓଡ଼ିଶା ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି କରିବା ସମ୍ବନ୍ଧରେ ସୂଚାଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଶରତ ଚନ୍ଦ୍ର ମହାପାତ୍ର, ପୌର ଅଧିକାରୀ ଅଭିମନ୍ୟୁ ବେହେରା, ଅତିରିକ୍ତ ଏସ୍‌ପି ଦେବୀ ଶଙ୍କର ପ୍ରତାପ, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କୁମାର ପ୍ରଧାନ, ଜିଲା ଯୋଜନା ଏବଂ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ଦେବାଶିଷ ମହାପାତ୍ର, ଉପଖଣ୍ଡ ସୂଚନା ଏବଂ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତିଙ୍କ ସମେତ ଜିଲାର ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପୁରୀ ପୋଲିସ ପକ୍ଷରୁ ନାକା ଚେକିଂ ଅଭିଯାନ

ପୁରୀ,୧୪।୩(ଅଜିତ କୁମାର ମହାନ୍ତି)

ପୁରୀ ସହରରେ ପୁରୀ ପୋଲିସର ବିଶେଷ ନାକା ଚେକିଂ ଅଭିଯାନ କରାଯାଉଛି। ଗତ ୨୪ ଘଣ୍ଟା ମଧ୍ୟରେ ସିଟି ସବ୍‌ଡିଭିଜନ ଅଞ୍ଚଳର ବିଭିନ୍ନ ସ୍ଥାନରେ ଆଇନଶୃଙ୍ଖଳା ଓ ସଡ଼କ ସୁରକ୍ଷାକୁ ଦୃଢ଼କରିବା ପାଇଁ ବିଶେଷ ନାକା ଚେକିଂ ଓ ବ୍ଲକିଂ ଅଭିଯାନ କରାଯାଇଥିଲା। ଏହି ସମୟରେ ଯାନବାହନ ଚାଳକମାନଙ୍କର କାଗଜପତ୍ର, ମଦ୍ୟପାନ କରି ଗାଡ଼ି ଚଳାଇବା ଓ ଅନ୍ୟାନ୍ୟ ଆଇନ ଉଲ୍ଲଂଘନକୁ ନଜରରେ ରଖି ଯାଞ୍ଚ କରାଯାଇଥିଲା। ଏହି ଚେକିଂ ଅଭିଯାନ ସମୟରେ ମୋଟ ୧,୭୬,୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ୭ଜଣ ମଦ୍ୟପାନ କରି ଗାଡ଼ି ଚଳାଇବା, ୨୭ ଜଣ ସାଧାରଣ ସ୍ଥାନରେ ମଦ୍ୟପାନ ଓ ୨୦ ଜଣ ଟ୍ରିପଲ ରାଇଡିଂ କରୁଥିବା ଅଭିଯୋଗରେ ଧରାପଡ଼ିଥିଲେ। ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପୁରୀ ପୋଲିସ ସଡ଼କ ସୁରକ୍ଷା ଓ ସାଧାରଣ ଲୋକଙ୍କ ସୁରକ୍ଷା ପାଇଁ ଏପରି ନାକା ଚେକିଂ ଅଭିଯାନକୁ ଆଗାମୀ ଦିନରେ ମଧ୍ୟ ଜାରି ରଖିବ। ସମସ୍ତ ଯାନଚାଳକଙ୍କୁ ସଡ଼କ ସୁରକ୍ଷା ନିୟମ ପାଳନ କରିବାକୁ ପୁରୀ ପୋଲିସ ପକ୍ଷରୁ ଅନୁରୋଧ କରାଯାଇଛି।

## ଡକାୟତି ବେଳେ ୬ ଗିରଫ: ମାରଣାସ୍ତ୍ର ସହ ବୋମା ଜବତ

ପୁରୀ,୧୪।୩(ଅଜିତ୍ କୁମାର ମହାନ୍ତି)

ଏକ ଡକାୟତି ଯୋଜନାକୁ ବାସେଳିସାହି ଥାନା ପୋଲିସ ପଣ୍ଡ କରିଛି। ଡକାୟତି ଯୋଜନା କରୁଥିବା ୬ଜଣଙ୍କୁ ପୋଲିସ ଗିରଫକରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜଗନ୍ନାଥ ବସ୍ତି ପଣ୍ଡା ବଗିଚା ଅଞ୍ଚଳର ମନୋଜ ପଣ୍ଡା (୨୫), ମାର୍କଣ୍ଡେଶ୍ୱର ସାହି ହରିଜନ ବସ୍ତିର ପିଣ୍ଟୁ ନାୟକ (୩୨), ଜଗନ୍ନାଥ ବସ୍ତିର ଜଡ଼ା ବେହେରା (୩୨), ମିଶ୍ର ନୋଳିଆ ସାହିର ପ୍ରେମାନାଥ ବେହେରା (୩୨), ଦୀପକ ବେହେରା (୩୧) ଏବଂ ଥାନାପତି ଲେନ୍‌ର ସଞ୍ଜୟ ଦାସ (୪୧)। ଅଭିଯୁକ୍ତମାନଙ୍କ ନିକଟରୁ ଦୁଇଟି ଖଣ୍ଡା, ଦୁଇଟି ଲୁହାରଡ୍, ଗୋଟିଏ ଛୁରି, ୨ଟି ଅଫୁଟା ବୋମା, ବିୟର ବୋତଲ ସହ ଅନ୍ୟ ସାମଗ୍ରୀ ଜବତ ହୋଇଛି। ଏନେଇ ଏକ କେସ୍ (ନଂ.୯୧/୨୬) ରୁଜୁ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଶନିବାର ପୂର୍ବାହ୍ନରେ ବାସେଳିସାହି ଥାନା ଅଞ୍ଚଳରେ ପାଟ୍ରୋଲିଂ ବେଳେ ପୋଲିସ ୬ଜଣ ଅସାମାଜିକ ବ୍ୟକ୍ତି ମଶାଣିଚଣ୍ଡୀ ମନ୍ଦିର ପଛପଟେ ମାରଣାସ୍ତ୍ର ଧରି ବିଭିନ୍ନ ସ୍ଥାନରେ ଡକାୟତି କରିବା ପାଇଁ ଯୋଜନା କରୁଥିବା ଖବର ପାଇଥିଲା। ଫଳରେ ପୋଲିସ ସେଠାରେ ଚଢ଼ାଉ କରିଥିଲା।

## ପ୍ରଧାନଶିକ୍ଷକଙ୍କୁ ନିଲମ୍ବନ କଲେ ଜିଲା ଶିକ୍ଷାଧିକାରୀ

### ଛାତ୍ରୀଙ୍କୁ ଅବସରପ୍ରାପ୍ତ କର୍ମଚାରୀଙ୍କ ଅସଦାଚରଣ ଭିଡିଓ ଭାଇରାଲ ଘଟଣା

କାକଟପୁର/ଅସ୍ତରଙ୍ଗ, ୧୪।୩
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

ପୁରୀ ଜିଲା କାକଟପୁର ଥାନା ଅଞ୍ଚଳର ଏକ ବିଦ୍ୟାଳୟରେ ଜଣେ ଛାତ୍ରୀଙ୍କୁ ସ୍କୁଲର ଅବସରପ୍ରାପ୍ତ କର୍ମଚାରୀ ଅସଦାଚରଣ କରିଥିବା ଭିଡିଓ ଭାଇରାଲ ଘଟଣା ଏବେ ସାମ୍ନାକୁ ଆସିଛି। ଏହି ଘଟଣାରେ ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ଗୁରୁବାର ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜ୍ୟୋତି ରଞ୍ଜନ ସାହୁଙ୍କୁ ନିଲମ୍ବନ କରିଛନ୍ତି। ନିଲମ୍ବନ ଅବଧି ମଧ୍ୟରେ ସାହୁ କାକଟପୁର ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରିବେ। ଶ୍ରେଣୀଗୃହରେ ଜଣେ ଅବସରପ୍ରାପ୍ତ କର୍ମଚାରୀ କିଭଳି ଅବାଧରେ ପ୍ରବେଶ କରି ଏଭଳି କାର୍ଯ୍ୟ କରିବାକୁ ସାହସ କଲେ ଏବଂ ସ୍କୁଲ କର୍ତ୍ତୃପକ୍ଷ ଜାଣିପାରିଲେ ନାହିଁ ତାହାକୁ ନେଇ ପ୍ରଶ୍ନ ଉଠିଛି। ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଅଭିଭାବକ ମହଲରେ ଦାବି କରାଯାଇଛି। ପ୍ରଧାନଶିକ୍ଷକ ଏ ସଂକ୍ରାନ୍ତରେ ଗୁରୁବାର କାକଟପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନା ଅଧିକାରୀ ବସନ୍ତ କୁମାର ସାହୁ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ଅଭିଯୁକ୍ତ ଫେରାର ଥିବା ସୂଚନା ମିଳିଛି। ଜିଲା ଶିକ୍ଷାଧିକାରୀ ପାଢ଼ୀ କହିଛନ୍ତି, ଭିଡିଓ ଭାଇରାଲ ଘଟଣାକୁ ଗୁରୁତ୍ୱର ସହ ନେଇ ପ୍ରଧାନଶିକ୍ଷକଙ୍କୁ ନିଲମ୍ବନ କରାଯାଇଛି। ଏ ସଂକ୍ରାନ୍ତରେ ପୁରୀ ଜିଲାପାଳ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ଗଣଶିକ୍ଷା ବିଭାଗକୁ ଜଣାଇ ଦିଆଯାଇଛି।

## ‘ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ ନୀତିରେ ପରିବର୍ତ୍ତନ ଆବଶ୍ୟକ’



ନାଗରିକ ସମ୍ବର୍ଦ୍ଧନା ସଭାରେ ପ୍ରଫୁଲ୍ଲ ସାମନ୍ତରା ଉଦ୍‌ବୋଧନ ଦେଉଛନ୍ତି ।

ପୁରୀ,୧୪।୩(ଅଜିତ୍ କୁମାର ମହାନ୍ତି)

**ଲୋକ ଅଧିକାର ଯାତ୍ରାକୁ ନାଗରିକ ସମ୍ବର୍ଦ୍ଧନା**

ପ୍ରାକୃତିକ ସମ୍ପଦର ସୁରକ୍ଷା ଓ ଲୋକଙ୍କ ସାମ୍ବିଧାନିକ ଅଧିକାର ସୁନିଶ୍ଚିତ କରିବା ଲକ୍ଷ୍ୟରେ ଲୋକଶକ୍ତି ଅଭିଯାନ, ଜନଆନ୍ଦୋଳନ ସମୂହର ରାଷ୍ଟ୍ରୀୟ ସମନ୍ୱୟ ଏବଂ ସେଣ୍ଟର ଫର୍ କ୍ଲାଇମେଟ୍ ଜଷ୍ଟିସ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠ ସତ୍ୟଭାମାପୁରରୁ ଆରମ୍ଭ ହୋଇଥିବା ଲୋକ ଅଧିକାର ଯାତ୍ରା ଶନିବାର ପୁରୀରେ ପହଞ୍ଚିଛି। ସାମାଜିକ କର୍ମୀ ସ୍ୱାଧୀନ କୁମାର ପଣ୍ଡାଙ୍କ ସଂଯୋଜନାରେ ବିଭିନ୍ନ ରାଜନୈତିକ ଦଳ, ସାମାଜିକ ସଂଗଠନ, ବୁଦ୍ଧିଜୀବୀ, ନାଗରିକ ମଞ୍ଚ ପକ୍ଷରୁ ପୁରୀ ବଳଗଣ୍ଡି ଛକସ୍ଥିତ ଭକ୍ତ ସାଲବେଗ ସମ୍ମିଳନୀ କକ୍ଷରେ ଅଭିଯାତ୍ରୀ ଦଳକୁ ଭବ୍ୟ ସ୍ୱାଗତ ସହ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଶିଷ୍ଟ ଗାନ୍ଧୀବାଦୀ ଗୌରାଙ୍ଗ ଚରଣ ପରିଡ଼ାଙ୍କ ଅଧକ୍ଷତାରେ ଆୟୋଜିତ ଏହି ସଭାରେ ପ୍ରାକୃତିକ ସମ୍ପଦ ସୁରକ୍ଷାର ପ୍ରାସଙ୍ଗିକତା ଓ ଲୋକ ଅଧିକାର ଯାତ୍ରାର ଉଦ୍ଦେଶ୍ୟ ସମ୍ପର୍କରେ ଅଭିଯାତ୍ରୀମାନେ ବିସ୍ତୃତ ଆଲୋଚନା କରିଥିଲେ। ଗ୍ରୀନ ନୋବେଲ ବିଜେତା ପ୍ରଫୁଲ୍ଲ ସାମନ୍ତରା କହିଥିଲେ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନୀତିରେ ପ୍ରାକୃତିକ ସମ୍ପଦ ଉପରେ ଲୋକଙ୍କ ଅଧିକାର ଉପେକ୍ଷିତ ହେଉଛି ଏବଂ କର୍ପୋରେଟ୍ ସ୍ୱାର୍ଥକୁ ପ୍ରାଧାନ୍ୟ ଦିଆଯାଉଛି। ଫଳରେ ଚାଷୀ, ଆଦିବାସୀ ଓ ଶ୍ରମଜୀବୀଙ୍କ ଜୀବନଜୀବିକା ଗୁରୁତର ସଙ୍କଟରେ ପଡ଼ୁଛି। ତେଣୁ ପ୍ରାକୃତିକ ସମ୍ପଦ ସୁରକ୍ଷା ଓ ସାମାଜିକ ନ୍ୟାୟ ପାଇଁ ସରକାର ନୀତିରେ ବ୍ୟାପକ ପରିବର୍ତ୍ତନ ଆଣିବା ଆବଶ୍ୟକ। ଗାନ୍ଧୀବାଦୀ ନେତା ଡ. ବିଶ୍ୱଜିତଙ୍କ ସଂଯୋଜନାରେ ଆୟୋଜିତ ଏହି ଯାତ୍ରାରେ ଜନଆନ୍ଦୋଳନ ନେତା ନରେନ୍ଦ୍ର ମହାନ୍ତି, ଆଦିବାସୀ ନେତା ନାଚିକା ଲିଙ୍ଗା, କାଶୀପୁରର ଯୁବନେତା ଲକ୍ଷ୍ମଣ ନାୟକ, ନିୟମଗିରି ଆନ୍ଦୋଳନର ନେତା ସୁରେଶ ସଂଗ୍ରାମ, ଉପେନ୍ଦ୍ର ଦ୍ରାବିଡ଼, କୃଷ୍ଣ ସିକକା, ସ୍ରାବୁ ସିକକା, ଗବେଷକ ସର୍ବେଶ୍ୱର ସାହୁ, ଚାଷୀ ନେତା ସୀମାଞ୍ଚଳ ନାହାକ ପ୍ରମୁଖ ଉପସ୍ଥିତ ଥିଲେ। ପୁରୀ ଜିଲା କଂଗ୍ରେସ କମିଟିର ସଭାପତି ରାଜେଶ ମିଶ୍ର ଅଭିଯାତ୍ରୀ ଦଳକୁ ପାଛୋଟି ନେଇଥିବା ବେଳେ ସାମାଜିକ କର୍ମୀ ଅମରେନ୍ଦ୍ର ପାଇକରାୟ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଚକ୍ରଧର ମହାପାତ୍ର, ଜଗନ୍ନାଥ ଦେଓ, ବିଦ୍ୟୁଲତା ଆଚାର୍ଯ୍ୟ, ହରିଶଙ୍କର ମିଶ୍ର, ସୂର୍ଯ୍ୟ ରଥ, କିଷାନ ପଟ୍ଟନାୟକ, ସୁରେନ୍ଦ୍ର ତାପସ୍ମୁ, ଦେବୀ ପ୍ରସାଦ ମିଶ୍ର ପ୍ରମୁଖ ନିଜ ମତ ରଖିଥିଲେ। ଏହି ଯାତ୍ରା ଆସନ୍ତା ୨୯ରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ଶହୀଦ ଦିବସ ଅବସରରେ ଭୁବନେଶ୍ୱରର ମହାତ୍ମା ଗାନ୍ଧୀ ମାର୍ଗରେ ଆୟୋଜିତ ପ୍ରାକୃତିକ ସୁରକ୍ଷା ସମାବେଶରେ ଉଦ୍‌ଯାପନ ହେବ।

## ମହିଳା ଏସ୍‌ଆଇଙ୍କୁ ଧମକ, ସରପଞ୍ଚଙ୍କ ସ୍ୱାମୀଙ୍କୁ ଗାଳି

**ଅଭିଯୋଗର ୩୬ ଘଣ୍ଟା ପରେ କାର୍ଯ୍ୟାନୁଷ୍ଠାନ ହୋଇନି**

ଗୋପ,୧୪।୩(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଥାନା ଅଧୀନ ଏରବଙ୍ଗ ପଞ୍ଚାୟତର ମହିଳା ସରପଞ୍ଚଙ୍କ ସ୍ୱାମୀ ବସନ୍ତ କୁମାର ଦାସଙ୍କୁ ରାସ୍ତାରେ ଗାଳିଗୁଲଜ କରାଯାଇଛି। ଏନେଇ ଅଭିଯୋଗ କ୍ରମେ ମହିଳା ଏସ୍‌ଆଇ ଦେବସ୍ମିତା ସିଂ ଏରବଙ୍ଗ ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଫୋନ୍ କରିବାରୁ ସେ ତାଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ ସହ ଧମକଚମକ ଦେଇଛନ୍ତି। ତେବେ ଏହି ଘଟଣାର ୩୬ ଘଣ୍ଟା ପରେ ବି ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଫଳରେ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଭିଯୋଗ ଅନୁଯାୟୀ, ଶନିବାର ରାତି ୧୦ଟାରେ ଏରବଙ୍ଗ ସରପଞ୍ଚ ରଶ୍ମିରେଖା ଦାସଙ୍କ ସ୍ୱାମୀ ବସନ୍ତ କୁମାର ଦାସ ପଞ୍ଚାୟତର ଜଣେ ବ୍ୟକ୍ତିଙ୍କୁ ମୋଟରସାଇକେଲ ଯୋଗେ ଛାଡ଼ିବାକୁ ଯାଇଥିଲେ। ଏରବଙ୍ଗ ପଞ୍ଚାୟତ ଅଫିସ ନିକଟରେ ଅଭିଯୁକ୍ତଙ୍କ ସହିତ ଆଉ କେତେଜଣ ଯୁବକ ଠିଆ ହୋଇଥିଲେ। ଅଭିଯୁକ୍ତ ଜଣକ ହଠାତ୍ ବସନ୍ତଙ୍କ ମୋଟର ସାଇକେଲକୁ ଅଟକାଇ ଚାବି ଛଡାଇ ନେବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ବସନ୍ତ ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତ ଜାତିଆଣ ଆକ୍ଷେପ ସହ ଠେଲାପେଲା କରିଥିଲେ। ପରେ ବସନ୍ତ ଏ ନେଇ ଗୋପ ଥାନାର ଏତଲା ଦେଇଥିଲେ। ମହିଳା ଏସ୍‌ଆଇ ଦେବସ୍ମିତା ସିଂ ଅଭିଯୋଗ ପାଇବା ପରେ ଅଭିଯୁକ୍ତଙ୍କୁ ଟେଲିଫୋନ କରି ଅଭିଯୋଗ ସମ୍ପର୍କରେ ପଚାରିବାରୁ ସେ ଉତ୍ତେଜିତ ହୋଇ ତାଙ୍କୁ ନାନା ଧମକଚମକ ଦେଇଥିଲେ। ଏହାସତ୍ତ୍ୱେ ପୋଲିସ ଚୁପ୍ ବସିଛି। ଏ ନେଇ ଏସ୍‌ଆଇ ସିଂ କହିଛନ୍ତି, ମୋ’ ନିକଟରେ ଅଭିଯୋଗ ହେବାରୁ ମୁଁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଘଟଣା ସମ୍ପର୍କରେ ପଚାରିଥିଲି, ମାତ୍ର ଅଭିଯୁକ୍ତ ମୋତେ ବିଭିନ୍ନ ପ୍ରକାରର ଧମକଚମକ ଦେଇଥିଲେ। ଥାନା ଅଧିକାରୀ ନାହାନ୍ତି, ସେ ଆସିଲେ ମକଦ୍ଦମା ରୁଜୁ କରାଯିବା ସହ ଅଭିଯୁକ୍ତଙ୍କୁ ଗିରଫ କରାଯିବ।

## ଶୋଭନୀୟ ଶିକ୍ଷାଶ୍ରମର ବାର୍ଷିକ ଉତ୍ସବ

କୋଣାର୍କ,୧୪।୩(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମର ବାର୍ଷିକ ଉତ୍ସବ ଓ ପୂଜ୍ୟ କୁମାର ଭାଇଙ୍କ ପବିତ୍ର ପଦଯାତ୍ରାର ସ୍ମୃତିସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ଶୋଭନୀୟ ଶିକ୍ଷାଶ୍ରମର ଛାତ୍ରୀଛାତ୍ରଙ୍କ ପକ୍ଷରୁ ଜାଗରଣ ସଙ୍ଗୀତ ସୂର୍ଯ୍ୟ ପୂଜା, ଧ୍ୟାନ, ବିଶ୍ୱଶାନ୍ତି ପାଇଁ ପ୍ରାର୍ଥନା ଓ ନାମ ସଂକୀର୍ତ୍ତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୋଣାର୍କ ଏନ୍‌ଏସି ଅଧକ୍ଷା ସଂଯୁକ୍ତା ତ୍ରିପାଠୀ, ଏବିଇଓ ସମ୍ରାଟ ଭଞ୍ଜ ଭୋଇ, ଶୋଭନୀୟ ଆନ୍ଦୋଳନର ସମ୍ପାଦିକା-ନିର୍ଦ୍ଦେଶିକା ଡ. ଅରୁନ୍ଧତୀ ଦେବୀ, କୋଣାର୍କ ଚମ୍ପାହାର ଅଗ୍ନିଶମ ଅଧିକାରୀ ବିଚିତ୍ରାନନ୍ଦ ଚୌଧୁରୀ, ଅର୍କଶ୍ରୀ ସମ୍ପାଦକ ଉମେଶ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୁମାର ଭାଇଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ପରାମର୍ଶ ଦେଇଥିଲେ। ଶିକ୍ଷାଶ୍ରମର ଛାତ୍ରୀଛାତ୍ରମାନେ ଚେତନାଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପୂର୍ବରୁ ଆୟୋଜିତ କ୍ରୀଡ଼ା ଓ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧକ୍ଷା ବିଦ୍ୟୁଲତା ଶତପଥୀ, ମନୋରମା ମିଶ୍ର, ଗୀତାଞ୍ଜଳି ସାହୁ ଏବଂ ପ୍ରଭାତୀ ନାୟକ ପ୍ରମୁଖ ପରିଚାଳନା କରିଥିଲେ।




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

## ଭାଷା ସଂରକ୍ଷଣ, ଗବେଷଣା ଉପରେ ଆଲୋକପାତ

**‘ଭାରତୀୟ ଭାଷା ପରିବାର’ ଗ୍ରନ୍ଥ ଆଧାରିତ କର୍ମଶାଳା**

ପୁରୀ,୧୪।୩(ଅଜିତ କୁମାର ମହାନ୍ତି)

ପୁରୀ ଶ୍ରୀସଦାଶିବ ପରିସରସ୍ଥ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ଶିକ୍ଷାଶାସ୍ତ୍ର ବିଭାଗ ଆନୁକୂଲ୍ୟରେ ‘ଭାରତୀୟ ଭାଷା ପରିବାର’ ଗ୍ରନ୍ଥ ଆଧାରିତ ଦୁଇଦିବସୀୟ ରାଷ୍ଟ୍ରୀୟ କର୍ମଶାଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଜୟଦେବ ସଭାଗାରରେ ଆୟୋଜିତ ଏହି କର୍ମଶାଳାରେ ଭାରତୀୟ ଭାଷାଗୁଡ଼ିକର ସମନ୍ୱୟ, ସାଂସ୍କୃତିକ ଐକ୍ୟ ଓ ଭାଷାଭିତ୍ତିକ ଗବେଷଣା ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଛି। ଶୁକ୍ରବାର ଉଦ୍‌ଘାଟନୀ ଉତ୍ସବରେ ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଅଧକ୍ଷତା କରି କହିଥିଲେ, ଭାରତର ସମସ୍ତ ଭାଷା ମଧ୍ୟରେ ଏକ ଅଦୃଶ୍ୟ ଭାବଗତ ସଂଯୋଗ ରହିଛି ଏବଂ ‘ଭାରତୀୟ ଭାଷା ପରିବାର’ ଗ୍ରନ୍ଥ ଏହି ଏକତାକୁ ପ୍ରତିପାଦିତକରେ। ମୁଖ୍ୟ ଅତିଥି ଭାବେ ପ୍ରଫେସର ଗୋପାଳକୃଷ୍ଣ ଦାଶ ଯୋଗଦେଇ ଭାଷାଗୁଡ଼ିକର ଐତିହାସିକ ପୃଷ୍ଠଭୂମି ସମ୍ପର୍କରେ ଆଲୋକପାତ କରିଥିଲେ। ୨ଦିନ ଧରି ଚାଲିଥିବା ବିଭିନ୍ନ ବୈଷୟିକ ଅଧିବେଶନରେ ଅଫ୍‌ଲାଇନ ମାଧ୍ୟମରେ ଜେଏନ୍‌ୟୁର ପ୍ରଫେସର ଗିରୀଶ ନାଥ ଝା ଏବଂ ଆଭାସି ମାଧ୍ୟମରେ ପ୍ରଫେସର ବରପ୍ରସାଦ କୋଲ୍ଲା ଓ କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ଡ. ଜୀ. ସୂର୍ଯ୍ୟପ୍ରସାଦ ଯୋଗଦେଇ ଆର୍ଯ୍ୟ -ଦ୍ରାବିଡ଼ ସମନ୍ୱୟ ଓ ଭାଷାଗୁଡ଼ିକର ସାଧାରଣ ବୈଶିଷ୍ଟ୍ୟ ଉପରେ ଆଲୋକପାତ କରିଥିଲେ। ଉଦ୍‌ଯାପନୀ ସଭାରେ ମୁଖ୍ୟବକ୍ତା ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର କିଶୋର ଚନ୍ଦ୍ର ପାଢ଼ୀ ଯୋଗଦେଇ ଭାଷା ସଂରକ୍ଷଣ ଓ ଗବେଷଣାର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ସଂସ୍କୃତ ଭାରତୀ ଆମେରିକାର ଅଲ୍ ଇଣ୍ଡିଆ ୟୁନିଭର୍ସିଟିର ସଂଯୋଜକ ଡ. କେ.ଏନ୍. ପଦ୍ମକୁମାର ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଡ. ଜ୍ଞାନେଶୋପାଧ୍ୟାୟ ବୈଦିକ ମଙ୍ଗଳାଚରଣ କରିଥିବାବେଳେ ପ୍ରଫେସର ନିର୍ମଳା ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ଡ. ସୁଶାନ୍ତ କୁମାର ରାୟ କର୍ମଶାଳାର ବିବରଣୀ ଉପସ୍ଥାପନ କରିଥିଲେ। ବିଦ୍ୟାର୍ଥୀମାନେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ବ୍ୟାକରଣ ବିଭାଗର ଡ. ଯତିରାଜ ବରାଳ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ସହକାରୀ ଆଚାର୍ଯ୍ୟ ଡ. ଅମିତ କୁମାର ଉପାଧ୍ୟାୟ ସଂଚାଳନ କରିଥିଲେ।




କର୍ମଶାଳାରେ ମଞ୍ଚାସୀନ ଅତିଥିବୃନ୍ଦ ।

## ହାଟସାହି ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

କଟକ ସଦର,(ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ ଅନ୍ତର୍ଗତ ହାଟସାହି ଯୁବକ ସଂଘ ଆନୁକୂଲ୍ୟରେ ହାଟସାହି ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଟୁର୍ନାମେଣ୍ଟକୁ କଟକ ସଦର ବ୍ଲକ ଅଧକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ ସୁବୋଧ ବେହେରା ଓ ରାକେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଯୁବକ ସଂଘର ଜିତେନ୍ଦ୍ର ଦାଶ, ବେଣୁଧର ସାହୁ, ଯୁଗଳ କିଶୋର ଦାଶ, ଚନ୍ଦନ ସାହୁ, ସୁନୀଲ କୁମାର ଦାଶ, ପିଣ୍ଟୁ ବାରିକ ପ୍ରମୁଖ ଉଦ୍‌ଘାଟନୀ ମ୍ୟାଚରେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପେସାଦାର ଲୁଟେରା ଗିରଫ, ୨ ବାଇକ୍ ଜବତ

ଫୁଲନଖରା,୧୪।୩ (ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ପୋଲିସ ଜଣେ ପେସାଦାର ବାଇକ୍ ଲୁଟେରାଙ୍କୁ ଗିରଫ କରିବା ସହିତ ଦୁଇଟି ବାଇକ୍ ଜବତ କରିଛି। ଅଭିଯୁକ୍ତ ହେଲେ ତେଲେଙ୍ଗାପେଣ୍ଠ ଅନ୍ତର୍ଗତ ନଛିପୁର ଅଞ୍ଚଳର ଲୋକନାଥ ସାହୁ (୨୫)। ପୋଲିସ ଏକ ମାମଲା (ନଂ. ୧୮୪/୨୬) ରୁଜୁ କରି ଲୋକନାଥଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ଗତ ୧୧ ତାରିଖରେ ଗୁରୁଡ଼ିଝାଟିଆ ବାଲିଆଠଗଡ଼ ଅଞ୍ଚଳର କେଶବ ଦଳାଇ ତେଲେଙ୍ଗାପେଣ୍ଠଠାରେ ଥିବା ଏକ ଘରୋଇ ଡାକ୍ତରଖାନାକୁ ଆସିଥିଲେ। ସେହି ଦିନ ସେଠାରେ ଥିବା ବାଇକ୍ ପାର୍କିଂରୁ ତାଙ୍କ ବାଇକ୍ ଚୋରି ହୋଇଯାଇଥିଲା। ଏ ନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ସିସିଟିଭି ଯାଞ୍ଚ କରି ଲୋକନାଥଙ୍କୁ ଗିରଫ କରିଥିଲା। ସେହିଦିନ ଉରାଳୀ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ବାଇକ୍ ମଧ୍ୟ ସେହି ଡାକ୍ତରଖାନା ନିକଟରୁ ଚୋରି ହୋଇଥିଲା। ଲୋକନାଥ ସେହି ବାଇକ୍ ଚୋରି ଘଟଣାରେ ସମ୍ପୃକ୍ତ ବୋଲି ପୋଲିସ ସମ୍ମୁଖରେ ସ୍ୱୀକାର କରିଛି। ତାଙ୍କ ନାମରେ ସଦର ଥାନାରେ ୮ଟି ଚୋରି ମାମଲା ରହିଥିବା ପୋଲିସ ଜାଣିବାକୁ ପାଇଛି।

### ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ, ଶିକ୍ଷକ ଅଟକ

କଣ୍ଟାପଡା,୧୪।୩(ସୁରନାରାୟଣ ସାହୁ)

କଣ୍ଟାପଡା ବ୍ଲକ ଅନ୍ତର୍ଗତ ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଷଷ୍ଠଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଗୋବିନ୍ଦପୁର ପୋଲିସ ସମ୍ପୃକ୍ତ ଶିକ୍ଷକଙ୍କୁ ଶନିବାର ଥାନାରେ ଅଟକ ରଖିଛି। ପୋକ୍‌ସୋ ଆକ୍ଟ ଅନୁଯାୟୀ ଗୋବିନ୍ଦପୁର ଥାନା ପୋଲିସ ମାମଲା (ନଂ.୬୫/୨୬) ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ଖବର ନେବାରେ ଜଣାପଡିଛି, ଶନିବାର ସକାଳୁଆ ସ୍କୁଲ ଥିଲା। ଖାଇବା ଛୁଟି ସମୟରେ ଶିକ୍ଷକ ସମ୍ପୃକ୍ତା ଛାତ୍ରୀଙ୍କୁ ଏକୁଟିଆ ଡାକି ଅସଦାଚରଣ କରିଥିଲେ। ଛାତ୍ରୀ ସମ୍ପୃକ୍ତ ଶିକ୍ଷକଙ୍କ ମୋବାଇଲରୁ ତାଙ୍କ ପରିବାର ଲୋକଙ୍କୁ ଫୋନ କରି ଘଟଣା ସମ୍ପର୍କରେ ଜଣାଇଥିଲେ। ଖବର ପାଇ ପରବାରବର୍ଗ ଓ ଗ୍ରାମବାସୀ ସ୍କୁଲ ନିକଟରେ ପହଞ୍ଚି ଶିକ୍ଷକଙ୍କୁ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ଗୋବିନ୍ଦପୁର ପୋଲିସ ପହଞ୍ଚି ଶିକ୍ଷକଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି।

### ୭ ମୋବାଇଲ ଜବତ, ଜଣେ ଗିରଫ

ମଙ୍ଗୁଳି–ଜଗତପୁର,୧୪।୩(ମାନସ ସାମଲ)

ଜଗତପୁର ପୋଲିସ ମୋବାଇଲ ଚୋରି କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଯୁବକ ହେଲେ ଖୋର୍ଦ୍ଧା ଜିଲା ଚନ୍ଦକା ଥାନା ଅଞ୍ଚଳର ଆଦିତ୍ୟ କୁମାର ଜେନା (୨୧)। ଆଦିତ୍ୟ ଚୋରି କରିଥିବା ୧୦ଟିରୁ ୭ଟି ମୋବାଇଲ ପୋଲିସ ଜବତ କରିଛି। ସୂଚନା ମୁତାବକ, ୨୦୨୫ ଏପ୍ରିଲ ୪ରେ ଜଗତପୁର ଲକ୍ଷ୍ମଣପୁରସ୍ଥିତ ଏକ ମୋବାଇଲ ସେଲ୍ସ ଓ ରିପାଇରିଂ ଦୋକାନରୁ ଆଦିତ୍ୟ ମୋବାଇଲ କିଣିବାକୁ ଆସି କୌଶଳକ୍ରମେ ୧୦ଟି ମୋବାଇଲ ଚୋରି କରି ନେଇଯାଇଥିଲେ। ମୋବାଇଲଗୁଡ଼ିକର ଆନୁମାନିକ ମୂଲ୍ୟ ୧ ଲକ୍ଷ ୬୩ ହଜାର ଟଙ୍କା ହେବ। ପୋଲିସ ମୋବାଇଲଗୁଡିକ ଟ୍ରାକରେ ପକାଇ ଆଦିତ୍ୟଙ୍କୁ ଗିରଫ କରିଛି।

### ହୃଦ୍‌ଘାତରେ ଶିକ୍ଷାବିତ୍‌ଙ୍କ ପରଲୋକ

ଚୌଦ୍ୱାର,୧୪।୩(ଆଶୁତୋଷ ଦାସ)

ଓଡ଼ିଶା ଶିକ୍ଷା ବିକାଶ ସମିତିର ଆଇନ୍ ପରାମର୍ଶଦାତା ତଥା ଦୌଲତାବାଦସ୍ଥିତ ସାରଦା ନଗର ଶିଶୁ ବିଦ୍ୟାମନ୍ଦିର ପ୍ରତିଷ୍ଠାତା ପ୍ରଧାନ ଆଚାର୍ଯ୍ୟ ନିମାଇଁ ଚରଣ ପଣ୍ଡା(୫୪)ଙ୍କ ହୃଦ୍‌ଘାତରେ ଶନିବାର ପରଲୋକ ହୋଇଯାଇଛି। ସେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ଜଗତପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ଶିକ୍ଷକ ଜୀବନ ଆରମ୍ଭ କରି ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶିକ୍ଷକତା କରିଛନ୍ତି। ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଚିତ୍ରେଶ୍ୱରସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ସତ୍କାର କରାଯାଇଥିଲା।

# ଏସ୍‌ସିବି ମେଡିକାଲ, ହଷ୍ଟେଲ, ସ୍କୁଲକୁ ଘାରିଛି ଗ୍ୟାସ୍ ଚିନ୍ତା

କଟକ,୧୪।୩(ଶିଳ୍ପା ପ୍ରିୟଦର୍ଶିନୀ)

**ମାତ୍ର ଦିନେ କି ଦୁଇଦିନ ପାଇଁ ମହଜୁଦ ଅଛି ଗ୍ୟାସ୍**



ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁ ପେଟ୍ରୋଲିୟମ ସାମଗ୍ରୀ ଓ ଏଲ୍‌ପିଜିର ଅଭାବ ଓଡ଼ିଶାରେ ମଧ ଦେଖିବାକୁ ମିଳିଛି। ଏଥିରୁ ମେଡିକାଲ ଓ ବିଦ୍ୟାଳୟଗୁଡ଼ିକ ବାଦ୍ ପଡ଼ିନି। ଏହି ପରିପ୍ରେକ୍ଷୀରେ କଟକ ଏସ୍‌ସିବି ମେଡିକାଲ, କଲେଜ ହଷ୍ଟେଲ ଏବଂ ଜିଲାରେ ଥିବା ସ୍କୁଲଗୁଡ଼ିକରେ ଗ୍ୟାସ୍ ସମସ୍ୟା ଏଯାଏ ଦେଖାଯାଇନି। ହେଲେ ଦୁଇଦିନ ଯାଏ ଗ୍ୟାସ୍ ଷ୍ଟକ୍ ଥିବା ଜଣାପଡ଼ିଛି। ଯାହାଦ୍ୱାରା ମେଡିକାଲରେ ରୋଗୀଙ୍କ ପାଇଁ ଖାଦ୍ୟ ସମେତ ସ୍କୁଲରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତିରେ ସମସ୍ୟା ଉପୁଜିବା ସମ୍ଭାବନା ରହିଛି। ଏସ୍‌ସିବି ମେଡିକାଲରେ ଖାଦ୍ୟ ପ୍ରସ୍ତୁତି ପାଇଁ ଯେପରି ଗ୍ୟାସ୍ ସଙ୍କଟ ନ ଉପୁଜେ ସେ ନେଇ କଟକ ଜିଲାପାଳ ଏହାର ତଦାରଖ କରିଛନ୍ତି। ଏହାସହ ମେଡିକାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିବା ସୂଚନା ମିଳିଛି।

ମିଳିଥିବା ସୂଚନା ମୁତାବକ, କଟକ ଜିଲାରେ ମୋଟ୍ ୨୩୦୦ ସରକାରୀ ବିଦ୍ୟାଳୟରେ ପିଲାଙ୍କ ପାଇଁ ମଧ୍ୟାହ୍ନଭୋଜନ ପ୍ରସ୍ତୁତି କରାଯାଉଛି। ଏଥିପାଇଁ ସବୁ ବିଦ୍ୟାଳୟରେ ଦିନକୁ ୧ରୁ ୨ଟି ଗ୍ୟାସ୍ ଖର୍ଚ୍ଚ ହେଉଛି। ହେଲେ ଏବେ ଗ୍ୟାସ୍ ସମସ୍ୟା ଉପୁଜିଥିବାବେଳେ ଏବେ ଆଉ ମାତ୍ର ଦିନକ ପାଇଁ ପ୍ରାୟତଃ ସ୍କୁଲରେ ଗ୍ୟାସ୍ ଷ୍ଟକ୍ ଥିବା ଜଣାପଡ଼ିଛି। ସେହିଭଳି ଏସ୍‌ସିବି ମେଡିକାଲରେ ପ୍ରାୟ ୧୨୦୦ ରୋଗୀଙ୍କ ନିମନ୍ତେ ସକାଳ ଜଳଖିଆ, ମଧ୍ୟାହ୍ନ ଭୋଜନ ଓ ରାତ୍ରି ଭୋଜନ ପ୍ରସ୍ତୁତ ଲାଗି ଦିନକୁ ୬ରୁ ୭ଟି ଗ୍ୟାସ୍ ସିଲଣ୍ଡର ଖର୍ଚ୍ଚ ହେଉଛି। ଶନିବାର ଖାଦ୍ୟ ପ୍ରସ୍ତୁତି ପରେ ଆଉ ମାତ୍ର ଦୁଇଦିନ ପାଇଁ ଗ୍ୟାସ୍ ମେଡିକାଲରେ ଷ୍ଟକ୍ ଥିବା ଜଣାପଡ଼ିଛି। ଏହାସହ ଏସ୍‌ସିବି ମେଡିକାଲ କଲେଜର ବିଭିନ୍ନ ହଷ୍ଟେଲକୁ ମିଶାଇ ମୋଟ୍ ୨୫୦୦ ଛାତ୍ରୀଛାତ୍ରଙ୍କ ଖାଦ୍ୟ ପ୍ରସ୍ତୁତ ପାଇଁ ୫ଟି ଗ୍ୟାସ୍ ଖର୍ଚ୍ଚ ହେଉଛି। ହେଲେ ଆଗାମୀ ଦିନ ପାଇଁ ଷ୍ଟକ୍ ନ ଥିବା ସୂଚନା ମିଳିଛି।

ଏନେଇ ମେଡିକାଲ ପ୍ରଶାସନିକ ଅଧିକାରୀ ସୁବାସ ରାଏ କହିଛନ୍ତି, ମେଡିକାଲରେ ଏକ ଘରୋଇ ସଂସ୍ଥା ଗ୍ୟାସ୍ ଯୋଗାଣଠାରୁ ଆରମ୍ଭ କରି ଖାଦ୍ୟ ପ୍ରସ୍ତୁତିର ଦାୟିତ୍ୱ ନେଇଛି। ଏବେ ସୁଦ୍ଧା ଗ୍ୟାସ୍ ପାଇଁ ସମସ୍ୟା ହୋଇନି। ଯେପରି ସମସ୍ୟା ନ ହୁଏ ସେନେଇ ଜିଲାପାଳଙ୍କ ସହ ଆଲୋଚନା କରାଯାଇଛି। କୌଣସି ସଙ୍କଟ ଉପୁଜିବ ନାହିଁ ବୋଲି ଆଶା କରାଯାଉଛି। ଜିଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ୍ କହିଛନ୍ତି, ସ୍କୁଲଗୁଡ଼ିକରେ ଗ୍ୟାସ୍ ସମସ୍ୟା ଏବେ ଯାଏ ଉପୁଜିନି। ହେଲେ ଷ୍ଟକ୍ ମାତ୍ର ଦିନକ ପାଇଁ ଥିବାରୁ ସଙ୍କଟ ଉପୁଜିବାର ବହୁ ଆଶଙ୍କା ରହିଛି। ଯଦି କୌଣସି ସମସ୍ୟା ହେଲେ କାଠ ଚୁଲାର ବିକଳ୍ପ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

# ୧୫୬ ମାମଲାର ଆପୋସ ସମାଧାନ



କଟକ,୧୪।୩(କାର୍ତ୍ତିକ ସାହୁ)

**ହାଇକୋର୍ଟରେ ୧ମ ଲୋକ ଅଦାଲତ**

ଓଡ଼ିଶା ହାଇକୋର୍ଟ ଲିଗାଲ ସର୍ଭିସ କମିଟି ପକ୍ଷରୁ ୧ମ ରାଷ୍ଟ୍ରୀୟ ଲୋକ ଅଦାଲତ ହାଇକୋର୍ଟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପ୍ରକାରର ୧୫୬ଟି ମାମଲାର ଆପୋସ ସମାଧାନ କରାଯାଇଛି। ତନ୍ମଧ୍ୟରେ ମୋଟର ଯାନ ଦୁର୍ଘଟଣାଜନିତ ବୀମା ରାଶି କ୍ଷତିପୂରଣ, ଏନ୍‌ଆଇ ଆକ୍ଟ, ଜମିଜମା ସଂକ୍ରାନ୍ତୀୟ, ବୈବାହିକ ବିବାଦ ଆଦି ମାମଲା ରହିଛି। କ୍ଷତିପୂରଣ ଅଥବା ଜରିମାନା ବାବଦକୁ ୧୨ କୋଟି ୮୩ ଲକ୍ଷ ୨୪ ହଜାର ୧୭୨ ଟଙ୍କାର ଅର୍ଥରାଶି ଆଦାୟ ପାଇଁ ସ୍ଥିର ହୋଇଛି। ପ୍ରାଧିକରଣର ପାଟ୍ରୋନ-ଇନ୍-ଚିଫ୍ ତଥା ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ, ପ୍ରାଧିକରଣ କାର୍ଯ୍ୟନିର୍ବାହୀ ଅଧକ୍ଷ ତଥା ହାଇକୋର୍ଟ ବିଚାରପତି ମାନସ ରଞ୍ଜନ ପାଠକ ଓ ହାଇକୋର୍ଟ ଲିଗାଲ ସର୍ଭିସ କମିଟି ଅଧକ୍ଷ ବିଚାରପତି କୃଷ୍ଣରାମ ମହାପାତ୍ରଙ୍କ ମାର୍ଗଦର୍ଶନରେ ଲୋକ ଅଦାଲତ ପରିଚାଳିତ ହୋଇଛି। ହାଇକୋର୍ଟ ବିଚାରପତି କେ.ଆର. ମହାପାତ୍ର, ବିଚାରପତି ବି.ପି. ରାଉତରାୟ, ବିଚାରପତି ଡ. ଏସ୍.କେ. ପାଣିଗ୍ରାହୀ, ବିଚାରପତି ଏସ୍. ରଥ, ବିଚାରପତି ଏମ୍. ଏସ. ସାହୁ, ବିଚାରପତି ଏ. କେ. ମହାପାତ୍ର, ବିଚାରପତି ଭି. ନରସିଂହ, ବିଚାରପତି ବି. ପି. ଶତପଥୀ, ବିଚାରପତି ଏମ୍. ଏସ. ରମଣ, ବିଚାରପତି ଏସ୍. କେ. ମିଶ୍ର, ବିଚାରପତି ଜି. ଶତପଥୀ, ବିଚାରପତି ଚିତ୍ତରଞ୍ଜନ ଦାଶ ଓ ବିଚାରପତି ଏସ୍. ଏସ୍. ମିଶ୍ର ବିଭିନ୍ନ ବେଞ୍ଚରେ ଅଧକ୍ଷତା କରି ମାମଲାଗୁଡ଼ିକର ସମାଧାନ କରାଇଥିଲେ।

## ୩୪ ହିତାଧିକାରୀଙ୍କଠାରୁ ୬ ଲକ୍ଷ ୪୦ ହଜାର ଜରିମାନା ଆଦାୟ

ଚୌଦ୍ୱାର,୧୪।୩(ଆଶୁତୋଷ ଦାସ)

ଚୌଦ୍ୱାରରେ ବିଦ୍ୟୁତ୍ ବିତରଣକାରୀ ସଂସ୍ଥା ଟିପିସିଓଡିଏଲ୍ ପକ୍ଷରୁ ଶନିବାର ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଟିପିସିଓଡିଏଲ ଚୌଦ୍ୱାର ଶାଖା କାର୍ଯ୍ୟାଳୟରେ ଅନୁଷ୍ଠିତ ଲୋକଅଦାଲତରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ ଉପଭୋକ୍ତା ଯୋଗଦେଇ ନିଜର ଅଭିଯୋଗ ଉପସ୍ଥାପନା କରିବା ସହିତ ଏହାର ସମାଧାନ ନିମନ୍ତେ ଆଲୋଚନା କରିଥିଲେ। ବିଭିନ୍ନ କାରଣକୁ ନେଇ ହୋଇଥିବା ଜରିମାନା ବାବଦରେ ଚୌଦ୍ୱାର-୧ ସେକ୍ସନର ୨୪ଜଣଙ୍କଠାରୁ ୩ ଲକ୍ଷ ୪୦ ହଜାର ଓ ଚାରବାଟିଆ ସେକ୍ସନର ୧୦ଜଣ ହିତାଧିକାରୀଙ୍କଠାରୁ ୩ ଲକ୍ଷ ଟଙ୍କା ଜରିମାନା ବାବଦରେ ଆଦାୟ ହୋଇଥିବା ଚୌଦ୍ୱାର ଶାଖା ଏସ୍‌ଡିଓ ବିଶ୍ୱରଞ୍ଜନ ଦେହୁରୀ ସୂଚନା ଦେଇଛନ୍ତି। ଲୋକ ଅଦାଲତରେ ସିଓଓ ଦୁଷ୍ମନ୍ତ କୁମାର ତ୍ୟାଗୀ, ନିର୍ବାହୀ ଯନ୍ତ୍ରୀ ମନୋଜ କୁମାର ସାହୁ, ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ର ଇଂଜିନିୟର ରାଜଶ୍ରୀ ପାଇଟାଲ, ଜେଇ ପର୍ଶୁରାମ ଓଝା, ତାପସ ରଞ୍ଜନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

# ୪୨,୮୫୮ ମାମଲା ଫଇସଲା

କଟକ,୧୪।୩ (କାର୍ତ୍ତିକ ସାହୁ)

**ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଲୋକ ଅଦାଲତ**

କଟକ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଚଳିତବର୍ଷର ୧ମ ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲା ଓ ଦୌରାଜଜ୍ କୋର୍ଟ ସମେତ ତାଲୁକସ୍ତରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୋଟ ୪୨,୮୫୮ଟି ମାମଲା ମଧ୍ୟରୁ ୧୨,୪୮୬ଟି ମାମଲା ଫଇସଲା କରାଯାଇଥିଲା। ଏଥିସହ ୩୭,୮୧,୯୨,୮୦୫ ଟଙ୍କା ଜରିମାନା ଓ ଅନୁକମ୍ପାମୂଳକ ରାଶି ବାବଦକୁ ସ୍ଥିର କରାଯାଇଛି। ଲୋକ ଅଦାଲତରେ ମୋଟରଯାନ ଦୁର୍ଘଟଣା ଜନିତ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ବିଦ୍ୟୁତ୍ ଅଧିନିୟମଜନିତ, ଉପଭୋକ୍ତା ଜନିତ, ଚେକ ବାଉନ୍‌ସ, ରାଜସ୍ୱ ଓ ପ୍ରାକ ବିବାଦୀୟ ଜନିତ ମକଦ୍ଦମା ଆଦି ମାମଲାଗୁଡ଼ିକ ଫଇସଲା କରାଯାଇଥିଲା। ଏହି ଅବସରରେ ଓଡ଼ିଶା ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧକ୍ଷ ତଥା ଆଡ୍‌ମିନିଷ୍ଟ୍ରେଟିଭ ଜଜ୍ ଫର୍ କଟକ ଜଜ୍‌ଶିପ୍ ବିଚାରପତି ମାନସ ରଞ୍ଜନ ପାଠକ ଏବଂ ଓଡ଼ିଶା ଆଇନସେବା ପ୍ରାଧିକରଣର ସଦସ୍ୟ ସଚିବ ଅରବିନ୍ଦ ପଟ୍ଟନାୟକ ଜିଲାସ୍ତରୀୟ ଲୋକ ଅଦାଲତର ବିଭିନ୍ନ କୋର୍ଟ ପରିଦର୍ଶନ କରି ମକଦ୍ଦମାଗୁଡିକ ଫଇସଲା ସମ୍ବନ୍ଧରେ ନିର୍ଦ୍ଦିଷ୍ଟ ମାର୍ଗଦର୍ଶନ କରିଥିଲେ। ବହୁ ସଂଖ୍ୟକ ଲୋକ ଯୋଗଦାନ କରି ସେମାନଙ୍କ ମାମଲାଗୁଡ଼ିକ ଫଇସଲା କରାଇଥିଲେ। କଟକ ଜିଲା ଓ ଦୌରାଜଜ୍ ତଥା କଟକ ଜିଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ମାନସ ରଞ୍ଜନ ବାରିକଙ୍କ ଅଧକ୍ଷତାରେ ଜିଲା କୋର୍ଟର ସମସ୍ତ ବିଚାରପତିମାନେ ନିଜ କୋର୍ଟରେ ମାମଲାଗୁଡ଼ିକର ଫଇସଲା କରାଇଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଦାୟିତ୍ୱରେ ଥିବା ଦୀପଙ୍କର ପଟ୍ଟନାୟକ ଲୋକ ଅଦାଲତ ପରିଚାଳନା କରିଥିଲେ।

# ଟ୍ରିମ୍‌ସରେ ‘ମୋ ଭାରତ’–ଯୁବ ବିନିମୟ କାର୍ଯ୍ୟକ୍ରମ ଉଦ୍‌ଯାପିତ



‘ମୋ ଭାରତ’–ଯୁବ ବିନିମୟ କାର୍ଯ୍ୟକ୍ରମ ଉଦ୍‌ଯାପନୀରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅତିଥି।

କଟକ,୧୪।୩(କାର୍ତ୍ତିକ ସାହୁ)

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଆନୁକୂଲ୍ୟରେ ଟ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ୫ ଦିନ ଧରି ଚାଲିଥିବା ‘ମୋ ଭାରତ’– ଆନ୍ତରାଜ୍ୟ ଯୁବ ବିନିମୟ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଡ. ବି. ମୁନିଆଡି ଓ ଡ. ସେନ୍ଥି କୁମାରଙ୍କ ତତ୍ତ୍ୱାବଧାନରେ ତାମିଲନାଡୁରୁ ୩୨ଜଣିଆ ଯୁବ ପ୍ରତିନିଧି ଦଳ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପଦ୍ମିନୀ ଅଡିଟୋରିମ୍‌ରେ ଆୟୋଜିତ ଉଦ୍‌ଯାପନୀରେ ଟ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଯୁବ ପ୍ରତିନିଧିଙ୍କୁ ଶୁଭେଚ୍ଛା ଜଣାଇଥିଲେ। କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର କୃଷ୍ଣ ପ୍ରସାଦ ପତି, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ (ଛାତ୍ର ସମ୍ପର୍କ) ଲୋକନାଥ ବେହେରା ବକ୍ତବ୍ୟ ପ୍ରଦାନ କରି ଏହାଦ୍ୱାରା ଓଡ଼ିଶା ଓ ତାମିଲନାଡୁର ଯୁବ ସଂପ୍ରଦାୟ ମଧ୍ୟରେ ସମ୍ପର୍କର ଆଉ ଏକ ନୂତନ ଅଧ୍ୟାୟ ସୃଷ୍ଟି ହେଲା ବୋଲି କହିଥିଲେ। କାର୍ଯ୍ୟକ୍ରମ ପର୍ଯ୍ୟବେକ୍ଷକ ଅଶୋକ କୁମାର ବେହେରା ସଂଯୋଜନା ଓ ଜିଲା ଯୁବ ଅଧିକାରୀ ନିଖିଲ କୋକୁଲା ଧନ୍ୟବାଦ ଦେଇଥିଲେ। ଯୁବ ପ୍ରତିନିଧିମାନେ ସେମାନଙ୍କ ଅନୁଭୂତି ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ପ୍ରଫେସର ସୁଶାନ୍ତ କୁମାର ଦାସ, ‘ଡିନ୍’ ଡ. କୁମ୍ଭକର୍ଣ୍ଣ ରାଉତ, ଡ. ପ୍ରଥିମା ପ୍ରକାଶମ୍, ଡ. ବିଶ୍ୱରଞ୍ଜନ ମହାନ୍ତି, କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର, ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ, ଯୁବ ସଂଯୋଜକ ଗଙ୍ଗାଧର ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଡିନ୍, ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ।

## ବାରବାଟୀ–କଟକ ବିଜେଡିର ମହିଳା ସମାବେଶ

କଟକ,୧୪।୩(ଶିଳ୍ପା ପ୍ରିୟଦର୍ଶିନୀ)

ବିଜୁ ଜନତା ଦଳ ପକ୍ଷରୁ ସିଏମ୍‌ସି ୱାର୍ଡ ନଂ–୨୮ରେ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କର୍ପୋରେଟର ବନଲତା ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂ, ବିଜେଡି କଟକ ଜିଲା ମହିଳା ସଭାପତି ଅନିତା ବେହେରା, ସିଏମ୍‌ସି ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଏ.ଶ୍ରୀଦେବୀ ଯୋଗଦେଇଥିଲେ। ବର୍ତ୍ତମାନର ଭାଜପା ସରକାର ସ୍ୱୟଂ ସହାୟକ ଗୋଷ୍ଠୀକୁ ପୂର୍ବ ବିଜେଡି ସରକାର ପରି ସହଯୋଗ ମିଳୁନାହିଁ। ଫଳରେ ମହିଳାମାନେ ଆର୍ଥିକ କ୍ଷତି ସହୁଛନ୍ତି। ସରକାରଙ୍କଠାରୁ ସହାୟତା କିଭଳି ମିଳିପାରିବ ସେନେଇ ସମାବେଶରେ ଆଲୋଚନା କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ଇତିଶ୍ରୀ ଦାସ, ପୁଷ୍ପିତା ମହାନ୍ତି, ସଂଯୁକ୍ତା ମହାରଣା, ବନିତା ମହାପାତ୍ର, ମୀନାକ୍ଷୀ ପ୍ରଧାନ, ସୁଷମା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# କଳା, ସଂସ୍କୃତି ପାଇଁ ଓଡ଼ିଶା ବିଶ୍ୱବିଖ୍ୟାତ

କଟକ,୧୪।୩(କୁମାରଶ୍ରୀ)




କଳା ବିକାଶ କେନ୍ଦ୍ର ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟାରେ ପରିବେଷିତ ଶାସ୍ତ୍ରୀୟ ସଙ୍ଗୀତ।

**କଳା ବିକାଶ କେନ୍ଦ୍ର ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା**

ଉତ୍କଳୀୟ କଳା ଓ ସଂସ୍କୃତି ପ୍ରତିଟି ଓଡ଼ିଆ ପ୍ରାଣରେ ଗୁଞ୍ଜରିତ ହେଉଛି। ରକ୍ତ ପରି ଏହା ପ୍ରତିଟି ଓଡ଼ିଆଙ୍କ ଶିରା ପ୍ରଶିରାରେ ପ୍ରବାହିତ ହେଉଛି। ଓଡ଼ିଆ ପ୍ରାଣ ଓଡ଼ିଆ ଚେତନା ଓଡ଼ିଆମାନଙ୍କୁ ସବୁବେଳେ ଉଦବେଳିତ କରିଥାଏ। ଓଡ଼ିଶା ଆଜି ସମଗ୍ର ବିଶ୍ୱରେ ଖ୍ୟାତି ଅର୍ଜନ କରିଛି, ତାର କଳା ଓ ସଂସ୍କୃତି ପାଇଁ ଓଡ଼ିଆ ଭାଷାର ବିକାଶ ଏକାନ୍ତ ଆବଶ୍ୟକ। କଳା ବିକାଶ କେନ୍ଦ୍ର ଦ୍ୱାରା ଆୟୋଜିତ ୪ର୍ଥ କଟକ କଳା ବିକାଶ କେନ୍ଦ୍ର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାକୁ ଉଦ୍‌ଘାଟନ କରିବା ଅବସରରେ ରାଜ୍ୟ ସରକାରଙ୍କ ମୁଖ୍ୟ ସୂଚନା ଆୟୁକ୍ତ ମନୋଜ କୁମାର ପରିଡା ଉପରୋକ୍ତ ମତ ଦେଇଥିଲେ। ଉତ୍ସବରେ କଟକ ବାରବାଟୀ ବିଧାୟିକା ସୋଫିଆ ଫିର୍ଦୋସ ସମ୍ମାନିତ ଅତିଥି ଭାବରେ ଯୋଗଦେଇ କଟକ କଳା ବିକାଶ କେନ୍ଦ୍ର ବର୍ଷବର୍ଷ ଧରି ଓଡ଼ିଶାର କଳା ସାହିତ୍ୟ ସଂସ୍କୃତିକୁ ଉଜ୍ଜୀବିତ କରିଆସିଛି ବୋଲି କହିଥିଲେ। ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମରେ କେନ୍ଦ୍ରର ସଭାପତି ପ୍ରଫେସର ବିଜୟାନନ୍ଦ ସିଂହ ସଭାପତିତ୍ୱ କରିଥିଲେ। ମ୍ୟାନେଜିଂ ଟ୍ରଷ୍ଟି ରବୀନ୍ଦ୍ର ନାଥ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସୁଦୀପ୍ତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରୀନିବାଶ ଘାଟୁଘାରୀ ଉତ୍ସବର ସଂଯୋଜନା କରିଥିଲେ। କାର୍ଯ୍ୟକାରୀ ସଭାପତି ଏ. ମହେଶ୍ୱର ରାଓ, ସାଧାରଣ ସମ୍ପାଦକ ବିକାଶ ଚନ୍ଦ୍ର ଦାଶ ଓ ପ୍ରଶାସନିକ ଅଧିକାରୀ ରବୀନ୍ଦ୍ର ନାଥ ଜଟ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# କ୍ଷେତ୍ର ପ୍ରଶିକ୍ଷକଙ୍କ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଆରମ୍ଭ

କଟକ,୧୪।୩(କାର୍ତ୍ତିକ ସାହୁ)

୨୦୨୭ ଜନଗଣନାକୁ ସ୍ୱଚ୍ଛତାର ସହ ନିର୍ଭୁଲ ଭାବେ ସମ୍ପନ୍ନ କରିବା ଲକ୍ଷ୍ୟରେ ଜିଲା ପ୍ରଶାସନ ପକ୍ଷରୁ କ୍ଷେତ୍ର ପ୍ରଶିକ୍ଷକଙ୍କ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଶନିବାରଠାରୁ ଆରମ୍ଭ ହୋଇଛି। କଟକ ଜିଲାପାଳ ତଥା ଜିଲା ପ୍ରମୁଖ ଜନଗଣନା ଅଧିକାରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ନିର୍ଦ୍ଦେଶାନୁସାରେ ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ତଥା ଜିଲା ଜନଗଣନା ଅଧିକାରୀ କମଲଜିତ ଦାସଙ୍କ ସହ ପରିଚାଳନା ଓ ପ୍ରଶାସନିକ ତଦାରଖ ପୂର୍ବକ କରାଯାଉଛି। ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଜନଗଣନା ସମ୍ପର୍କିତ ବିଭିନ୍ନ ଆଇନଗତ ଦିଗ, ଏନ୍ୟୁମେରେଟର ଓ ସୁପରଭାଇଜରମାନଙ୍କୁ ପ୍ରଶିକ୍ଷଣ ଦେବାର ପଦ୍ଧତି ସହିତ ଅନ୍ୟାନ୍ୟ ବିଭିନ୍ନ ଆବଶ୍ୟକ ଦିଗ ଉପରେ ପ୍ରଶିକ୍ଷଣ ଦିଆଯାଇଛି। ୧୬ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଶେଷ ହେବ। ଆସନ୍ତା ଏପ୍ରିଲ ୧ରୁ ଏପ୍ରିଲ ୭ ତାରିଖ ପର୍ଯ୍ୟନ୍ତ ଜିଲାର ଏନ୍ୟୁମେରେଟର ଓ ସୁପରଭାଇଜରମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ୭ ଏପ୍ରିଲରୁ ୧୫ ପର୍ଯ୍ୟନ୍ତ ଏନ୍ୟୁମେରେଟର ଓ ସୁପରଭାଇଜରମାନଙ୍କ ପାଇଁ ଏକ ପ୍ରାକ୍ଟିସ ୱିଣ୍ଡୋ ଖୋଲାଯିବ। ଜନଗଣନା କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ନିୟୋଜିତ ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ସତର୍କତା, ଦାୟିତ୍ୱବୋଧ ଓ ସମୟାନୁବର୍ତ୍ତିତା ସହ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସହକାରୀ ନିର୍ଦ୍ଦେଶକ (ରାଜ୍ୟ ଜନଗଣନା ପରିଚାଳନା କେନ୍ଦ୍ର) ମିଲିତା ଦତ୍ତ ଓ ଡେପୁଟି କଲେକ୍ଟର, (ଜନଗଣନା) ନୁରି ପରଭିନ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି।

# ‘ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସୁନିଦ୍ରା ଏକାନ୍ତ ଆବଶ୍ୟକ’



କଟକ,୧୪।୩(କାର୍ତ୍ତିକ ସାହୁ)

ସୁନିଦ୍ରା ସ୍ୱାସ୍ଥ୍ୟସେବା କେନ୍ଦ୍ର ଆନୁକୂଲ୍ୟରେ ବିଶ୍ୱ ନିଦ୍ରା ଦିବସ ମହାନଦୀ ବିହାରସ୍ଥିତ ରିଦ୍ଧି-ସିଦ୍ଧି ମଣ୍ଡପଠାରେ ପାଳିତ ହୋଇଯାଇଛି। ନିଦ୍ରା ବିଶେଷଜ୍ଞ ପ୍ରଫେସର ଡା. ଅର୍ପିତା ପ୍ରିୟଦର୍ଶିନୀଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଡା. ନିରଞ୍ଜନ ତ୍ରିପାଠୀ ଯୋଗଦେଇ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସୁନିଦ୍ରା ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଶେଷଜ୍ଞ ଆରୁଷୀ ରାୟ ଯୋଗଦେଇ ନିଦ ସକାରାତ୍ମକ ଭାବନା ତିଆରି କରି ଜୀବନକୁ ସୁନ୍ଦର କରିଥାଏ। ଅନ୍ୟତମ ସମ୍ମାନିତ ଅତିଥି ବିଶେଷଜ୍ଞ ଡା. ବର୍ଷା ବୈଶାଳୀ ପରିଡ଼ା ଶ୍ୱାସକ୍ରିୟାର ସୁନିଦ୍ରା ଉପରେ ପ୍ରଭାବ ରହିଥିବା କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭୁବନେଶ୍ୱର ରୋଟାରୀ କ୍ଲବ ସଭାପତି ସଂଘମିତ୍ରା ରଥ ଭଲ ନିଦ କାର୍ଯ୍ୟଦକ୍ଷତା ବୃଦ୍ଧି କରିଥାଏ ବୋଲି କହିଥିଲେ। ଡା. ଅକ୍ଷୟ ମିଶ୍ର, ଡା. ଅଂଶୁମୋଚନ ସାହୁ, ଡା. ଅସିତ କୁମାର ସେଠୀ, ଇଂ ସୁବୋଧ ରାଉତରାୟ, ଇନ୍ଦୁମତୀ ଦାଶ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଦ୍ୱୈତ ରାଜ ଧନ୍ୟବାଦ ଦେଇଥିଲେ।

# ‘କୁନ୍ତଳା କୁମାରୀ ଭାରତଭୂମିର ବିସ୍ମୟକାରୀ ପ୍ରତିଭା’

କଟକ,୧୪।୩(କାର୍ତ୍ତିକ ସାହୁ)



କୁନ୍ତଳା କୁମାରୀ ସାବତ ଫାଉଣ୍ଡେଶନ୍ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତଙ୍କ ସହ ଉପସ୍ଥିତ ଅତିଥିବୃନ୍ଦ।

କୁନ୍ତଳା କୁମାରୀ ସାବତ ଫାଉଣ୍ଡେଶନ୍ ପକ୍ଷରୁ ସାରସ୍ୱତ ସାଧିକା ଓ ଚିକିତ୍ସାବିତ୍ କୁନ୍ତଳା କୁମାରୀ ସାବତଙ୍କ ସ୍ମୃତିରେ ଏକ ସାରସ୍ୱତ ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଡ. ସୌଦାମିନୀ ନନ୍ଦଙ୍କୁ ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ ସମ୍ମାନ ପ୍ରଦାନ କରାଯାଇଛି। ତାଙ୍କୁ ପଚିଶ ହଜାର ଟଙ୍କାର ଅର୍ଥରାଶି, ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଛି। ଏଥିସହ ଚିକିତ୍ସାବିତ୍ ଡାକ୍ତର ସୁବ୍ରତ କୁମାର ଜେନା, ଡାକ୍ତର ଜୟଶ୍ରୀ ପଟ୍ଟନାୟକ, ପ୍ରଫେସର୍ ଡାକ୍ତର ସସ୍ମିତା ସ୍ୱାଇଁ, ପ୍ରଫେସର୍ ଡାକ୍ତର ଗୌତମ କୁମାର ଶତପଥୀ ଓ ପ୍ରଫେସର୍ ଡାକ୍ତର ଲୀଳାବତୀ ଗୁରୁଙ୍କୁ କୁନ୍ତଳାକୁମାରୀ ସାବତ ଚିକିତ୍ସାବିଜ୍ଞାନ ସମ୍ମାନରେ ସମ୍ମାନିତ କରାଯାଇଛି।

ମୁଖ୍ୟ ଅତିଥି ଭାବେ ହାଇକୋର୍ଟ ବିଚାରପତି ଶଶିକାନ୍ତ ମିଶ୍ର ଉତ୍ସବକୁ ଉଦ୍‌ଘାଟନ କରି କହିଲେ, ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ ଭାରତ ଭୂମିର ବିସ୍ମୟକାରୀ ପ୍ରତିଭା ଥିଲେ। ମୁଖ୍ୟବକ୍ତା ଭେଷଜ ବିଜ୍ଞାନୀ ପ୍ରଫେସର ଡାକ୍ତର ନିରଞ୍ଜନ ତ୍ରିପାଠୀ କହିଲେ, କୁନ୍ତଳା କୁମାରୀଙ୍କ କାବ୍ୟଗ୍ରନ୍ଥରେ ମାନବିକ ସଂପ୍ରୀତି ଓ ଭକ୍ତି ଭାବନା ନିଚ୍ଛକ ଭାବେ ପରିସ୍ଫୁଟ ହୋଇଛି। ସମ୍ମାନିତ ଅତିଥି ପ୍ରଫେସର୍ ଡ. ସତ୍ୟନାରାୟଣ ପଣ୍ଡା କହିଲେ, କୁନ୍ତଳା କୁମାରୀଙ୍କ ଲେଖାଗୁଡ଼ିକ ଜୀବନାନୁଭୂତିରେ ରସାଣିତ ହୋଇ ଅତ୍ୟନ୍ତ ଜୀବନ୍ତ ଓ ମର୍ମସ୍ପର୍ଶୀ ହୋଇପାରିଥିଲା। ଫାଉଣ୍ଡେଶନର ପ୍ରତିଷ୍ଠାତା ଓ ସଭାପତି ଡ. ପ୍ରଭାକର ସ୍ୱାଇଁ ଅଧକ୍ଷତା କରି କହିଲେ, କୁନ୍ତଳା କୁମାରୀଙ୍କ କବିତାରାଜି ସମୂହ ପ୍ରକୃତିପ୍ରୀତି ଓ ଦେଶାତ୍ମବୋଧରେ ଉଦ୍‌ବେଳିତ। ଫାଉଣ୍ଡେଶନର ସମ୍ପାଦକ ଡ. ଚୌଧୁରୀ ସତ୍ୟ ଦାସ ବିବରଣୀ ପ୍ରଦାନ କରିଥିଲେ। ଉପସଭାପତି ସଞ୍ଜିତ୍ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟତମ ଉପସଭାପତି ସୋହାଗିନୀ ବେହେରା ସ୍ତୁତିଚାରଣ କରିଥିଲେ। ଡ. ମଞ୍ଜୁଶ୍ରୀ ଶାସ୍ତ୍ରୀ ମାନପତ୍ର ପାଠ କରିଥିଲେ। ବ୍ରହ୍ମାନନ୍ଦ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଆତ୍ମସମର୍ପଣକୁ ନା, ଲଢ଼େଇ ପାଇଁ ପ୍ରସ୍ତୁତ

## ରାଜ୍ୟରୁ ମାଓବାଦୀ ମୁକ୍ତକୁ ରହିଲା ୧୭ ଦିନ

■ ଧରାପଡୁନାହାନ୍ତି ମାଓବାଦୀ ନେତା ଶୁକ୍ରୁ
■ ଖୁବ୍‌ଶୀଘ୍ର ଜଙ୍ଗଲରେ ବଡ଼ ଏନ୍‌କାଉଣ୍ଟର: ଏଡିଜି

ଭୁବନେଶ୍ୱର,୧୪।୩(ତ୍ରିନାଥ ମହାନ୍ତି)

୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଦେଶକୁ ମାଓବାଦୀମୁକ୍ତ କରିବାକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଦେଇଥିବା ଟାର୍ଗେଟକୁ ଆଉ ୧୭ ଦିନ ରହିଲା। ହେଲେ ଇତିମଧ୍ୟରେ ମାଓବାଦୀ ନେତ୍ରୀ ରାଣୀତାଙ୍କ ଏକ ପ୍ରେସ୍ ବିବୃତ୍ତି ପୋଲିସ ପାଇଁ ଚିନ୍ତାର କାରଣ ପାଲଟିଛି। କାରଣ ରାଣୀତା ସିଧା ସିଧା ପୋଲିସକୁ ଚ୍ୟାଲେଞ୍ଜ କରି ଆତ୍ମସମର୍ପଣକୁ ନା କହିବା ସହ ଲଢ଼େଇ ଜାରି ରହିବ ବୋଲି କହିଛନ୍ତି। ଏଥିସହିତ ସାଥୀ କମ୍ରେଡ୍‌ମାନଙ୍କ ବଳିଦାନକୁ ବ୍ୟର୍ଥ ଯିବାକୁ ଦେବୁ ନାହିଁ ବୋଲି ସେ କହିଛନ୍ତି। ସରକାରଙ୍କ କୌଣସି ପ୍ରସ୍ତାବକୁ ଆମେ


भारत की कम्युनिस्ट पार्टी (माओवादी)
माड़ डिविजनल कमेटी
प्रेस वक्तव्य
12-03-2026
भारत से पृथकता और आत्मसमर्पण का पूर्ण अस्वीकार

ମାଓବାଦୀ ନେତ୍ରୀ ରାଣୀତାଙ୍କ ପ୍ରେସ୍ ବିବୃତି।



ସ୍ୱୀକାର କରିବୁ ନାହିଁ ବୋଲି ସେ କହିଛନ୍ତି। ମାଓବାଦୀ ସଂଗଠନ କେବେ ବି ବିଲୁପ୍ତ ହେବ ନାହିଁ। ଆମେ ଭାରତର ସବୁ ସ୍ଥାନରେ ହିଂସା ଘଟାଇବୁ। ଯେଉଁମାନେ ଆମକୁ ଅଟକାଇବେ ସେମାନଙ୍କୁ ଦଣ୍ଡ ଦିଆଯିବ। ଆମର ଲଢେଇ ଜାରି ରହିବ ଏବଂ ସରକାର ଏହି ନିନ୍ଦନୀୟ କାର୍ଯ୍ୟର ପରିଣାମ ମଧ୍ୟ ଭୋଗିବେ। ଯେଉଁମାନେ ଆତ୍ମସମର୍ପଣ କରିଛନ୍ତି ସେମାନେ ଭୀରୁ। ସରକାର ଏବଂ ଆତ୍ମସମର୍ପଣ କରୁଥିବା ମାଓବାଦୀଙ୍କ ସହ ଆମର ଲଢ଼େଇ ସିଧା ହେବ ବୋଲି ସଚିବ ରାଣୀତା କହିଛନ୍ତି। ରାଣୀତାଙ୍କ ଏହି ଚିଠି ଆତ୍ମସମର୍ପଣ କରି ନ ଥିବା ମାଓବାଦୀଙ୍କ ପାଇଁ ବଳ ଯୋଗାଇଛି। ସେମାନେ ମଧ୍ୟ ଆତ୍ମସମର୍ପଣ କରିବାକୁ ଚାହିଁବେ ନାହିଁ। ତେବେ ଏହି ଚିଠି ରାଣୀତା ନିଜେ ଲେଖିଛନ୍ତି ନା ଆଉ କିଏ, ସେନେଇ ପୋଲିସ ଛାନଭିନ୍ କରୁଛି।

ଅନ୍ୟପଟରେ କନ୍ଧମାଳ ଜିଲାରୁ ଅନ୍ୟ ମାଓବାଦୀମାନେ ଆତ୍ମସମର୍ପଣ କରୁଥିବାବେଳେ ମାଓନେତା ଶୁକ୍ରୁ ଆତ୍ମସର୍ମପଣ କରିବା ସ୍ଥିତିରେ ନାହାନ୍ତି। ସେ ଏବେ ଆରପାର ଲଢ଼େଇ ପାଇଁ ବଳ ଗୋଟାଉଥିବା ଶୁଣିବାକୁ ମିଳୁଛି। ଶୁକ୍ରୁ ଏବେ ସୁରକ୍ଷାବାହିନୀ ବିରୋଧରେ ବଡ଼ ଘଟଣା ଘଟାଇବା ପାଇଁ ଯୋଜନା କରୁଥିବା ସନ୍ଦେହ କରାଯାଉଛି। କାରଣ ପୋଲିସର ବାରମ୍ବାର ଡାକରା ସତ୍ତ୍ୱେ ସେ ଆତ୍ମସମର୍ପଣ କରୁନାହାନ୍ତି। ଶୁକ୍ରୁଙ୍କୁ ଠାବ କରିବା ପାଇଁ ପୋଲିସ ସନ୍ଧାନୀ କୁକୁର, ଡ୍ରୋନ୍ ଏବଂ ଅନ୍ୟାନ୍ୟ ଟେକ୍ନୋଲୋଜି ବ୍ୟବହାର କରିସାରିଲାଣି। କିନ୍ତୁ ତାଙ୍କୁ ଠାବ କରିବା ତ' ଦୂରର କଥା ତାଙ୍କର ସ୍ଥିତି ଜାଣିବା ପୋଲିସ ପାଇଁ କଷ୍ଟକର ହେଉଛି। ପୋଲିସକୁ ଶୁକ୍ରୁଙ୍କ ସମ୍ପର୍କରେ ଯେଉଁ ଗୋଇନ୍ଦା ତଥ୍ୟ ମିଳୁଛି, ତାହା ମିଥ୍ୟା ପ୍ରମାଣିତ ହେଉଛି। ଶୁକ୍ରୁ ସିମନ୍‌ବାଡ଼ି ଜଙ୍ଗଲରେ ଲୁଚିଥିବା କହୁଥିବାବେଳେ ତାଙ୍କୁ ଏନ୍‌କାଉଣ୍ଟର କରିବା ଏକ କାଠିକର ପାଠ ହୋଇଗଲାଣି। ଅନ୍ୟପଟରେ ଏନେଇ ଆଣ୍ଟି ମାଓବାଦୀ ଅପରେଶନ ଏଡିଜି ସଞ୍ଜୀବ ପଣ୍ଡା କହିଛନ୍ତି, ରାଣୀତା ନାମରେ ସେଭଳି କେହି ନାହାନ୍ତି। ଆମେ ଏନେଇ ଗୋଇନ୍ଦା ଖବର ଲଗାଉଛୁ। ଆହୁରି ମଧ୍ୟ ସେମାନେ ଯେଉଁ ଲଢେଇ ଜାରି କଥା କହୁଛନ୍ତି, ତାହା ଜାରି ରଖିଲେ ପୋଲିସ ଏନ୍‌କାଉଣ୍ଟରରେ ସେମାନଙ୍କ ଜୀବନ ଯିବ। ତେଣୁ ପୋଲିସ ନିକଟରେ ଆତ୍ମସମର୍ପଣ କଲେ ଭଲ ହେବ। କନ୍ଧମାଳ ଜଙ୍ଗଲରେ ଲୁଚି ବୁଲୁଥିବା ଶୁକ୍ରୁଙ୍କୁ ଏନ୍‌କାଉଣ୍ଟର କରିବୁ। ଆଉ ଯେତିକି ଦିନ ରହିଛି ଏହି ଦିନ ଭିତରେ ନିହାତି ଶୁକ୍ରୁ ଧରାପଡ଼ିବେ। ତେଣୁ ତାହା ପୂର୍ବରୁ ଆମ ନିକଟରେ ଆତ୍ମସମର୍ପଣ କରିବାକୁ ଶେଷ ସୁଯୋଗ ଦିଆଯାଉଛି ବୋଲି ପଣ୍ଡା କହିଛନ୍ତି।



ଅସୀମ ବସୁ ଫାଉଣ୍ଡେଶନ ପକ୍ଷରୁ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଚାଲିଥିବା ଅସୀମ ନାଟକ ମହୋତ୍ସବର ଶନିବାର ଦ୍ୱିତୀୟ ସନ୍ଧ୍ୟାରେ ପରିବେଷିତ ନାଟକ 'ସେବତୀର ସେବା'ର ଏକ ଦୃଶ୍ୟ।

# ବିଧାୟକଙ୍କ ଘରେ ଇଡି ଚଢ଼ାଉ

ଭୁବନେଶ୍ୱର,୧୪।୩ (ତ୍ରିନାଥ ମହାନ୍ତି)

ରାଜ୍ୟର ଜଣେ ବିଧାୟକ ଏବଂ ତାଙ୍କ ସହଯୋଗୀଙ୍କ ଘରେ ଇଡି(ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) ଚଢ଼ାଉ କରିଛି। ଓଡ଼ିଶା ଭିଜିଲାନ୍ସର ସହଯୋଗରେ ଇଡି ଚଢ଼ାଉ କରିଥିବା ଜଣାପଡ଼ିଛି। ପୁରୀ, ଭଦ୍ରକ ଏବଂ ଭୁବନେଶ୍ୱରରେ ୧୨ଟି ଟିମ୍ ଚଢ଼ାଉ କରିଛି। ଚଢ଼ାଉ ସମୟରେ ଅର୍ଥ ହେରଫେର ନେଇ କିଛି ଦସ୍ତାବିଜ୍ ଜବତ କରାଯାଇଥିବା ସୂଚନା ମିଳିଛି। ଉକ୍ତ ବିଧାୟକଙ୍କ ଘର ଏବଂ ତାଙ୍କର ପୁରୀରେ ଥିବା ବାଇକ୍ ଶୋରୁମ୍‌ରେ ଚଢ଼ାଉ କରାଯାଇଥିଲା। ଗତ କିଛି ଦିନ ହେବ ଭିଜିଲାନ୍ସ ନିକଟରେ ଅର୍ଥ ହେରଫେର ନେଇ ଏକ ଅଭିଯୋଗ ହୋଇଥିଲା। ଯେଉଁ ଅଭିଯୋଗ ଆଧାରରେ ଭିଜିଲାନ୍ସ ଏକ ମାମଲା କରି ଇଡିକୁ ତଦନ୍ତ କରିବାକୁ କହିଥିଲେ। ଇଡି ଏହି ମାମଲାର ତଦନ୍ତ କରି ଶନିବାର ଭିଜିଲାନ୍ସର ସହାୟତାରେ ଚଢ଼ାଉ କରିଛି। ଏହି ଚଢ଼ାଉ ସମ୍ପର୍କରେ ଇଡି ଏବଂ ଭିଜିଲାନ୍ସ କିଛି ବି ବୟାନ ଦେଇ ନ ଥିବା ଜଣାପଡ଼ିଛି। ରାଜ୍ୟ ସଭା ନିର୍ବାଚନ ପୂର୍ବରୁ ଏଭଳି ଚଢ଼ାଉ କରାଯିବାକୁ ନେଇ ଭିନ୍ନ ଚର୍ଚ୍ଚା ହେଉଛି।

# ୩ ମାସ ପାଇଁ ଜଣେ ଖୁଣ୍ଟିଆ ସେବକ ନିଲମ୍ବିତ

ପୁରୀ,୧୪।୩(ଅଜିତ୍ କୁମାର ମହାନ୍ତି)

**ଶ୍ରୀମନ୍ଦିରରେ ନୀତି ବିଳମ୍ବ ଓ ବିଶୃଙ୍ଖଳା ଆଚରଣ ଘଟଣା**

**୨ ସେବକଙ୍କୁ ସର୍ତ୍ତ ସହ କ୍ଷମା**

ଗତ ଫେବୃଆରୀ ୨୮ରେ କେତେଜଣ ସେବକଙ୍କ ଅଶୋଭନୀୟ ଆଚରଣ ଓ କାର୍ଯ୍ୟକଳାପ ଯୋଗୁ ଶ୍ରୀମନ୍ଦିରର ନୀତି ପ୍ରାୟ ୪ଘଣ୍ଟା ବିଳମ୍ବ ହୋଇଥିଲା। ଫଳରେ ଭକ୍ତମାନେ ଅସୁବିଧାର ସମ୍ମୁଖୀନ ହେବା ସହ ନିର୍ଦ୍ଦିଷ୍ଟ ସମୟରେ ମହାପ୍ରସାଦ ପାଇବାରୁ ବଞ୍ଚିତ ହୋଇଥିଲେ। ଘଟଣା ସମୟରେ କର୍ତ୍ତବ୍ୟରତ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ ଓ କର୍ମଚାରୀଙ୍କ ପ୍ରତି ଅସମ୍ମାନଜନକ ବ୍ୟବହାର ହୋଇଥିବା ନେଇ ମଧ୍ୟ ଅଭିଯୋଗ ଆସିଥିଲା। ଏହି ଘଟଣାରେ ସମ୍ପୃକ୍ତ ଛାମୁ ଖୁଣ୍ଟିଆ ସେବକ ରାମକୃଷ୍ଣ ଖୁଣ୍ଟିଆ ଏବଂ ଅନ୍ୟ ଦୁଇ ସେବକ ମାଧବ ଖୁଣ୍ଟିଆ (ହାତୀ) ଓ ମଧୁସୂଦନ ଖୁଣ୍ଟିଆ (ଷଣ୍ଢ)ଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କୈଫିୟତ ତଲବ କରିଥିଲେ। ସଂପୃକ୍ତ ସେବକମାନଙ୍କ ଉତ୍ତର ଓ ପ୍ରଶାସନର ଅଧିକାରୀ-କର୍ମଚାରୀଙ୍କ ପକ୍ଷ ଶୁଣିବା ପରେ ଶନିବାର ରାମକୃଷ୍ଣ ଖୁଣ୍ଟିଆଙ୍କୁ ୩ମାସ ପାଇଁ ନିଲମ୍ବନ କରାଯାଇଛି। ଏହି ଅବଧି ମଧ୍ୟରେ ସେ ଶ୍ରୀମନ୍ଦିରର କୌଣସି ସେବା-ପୂଜାରେ ସାମିଲ ହୋଇପାରିବେ ନାହିଁ। ନିଲମ୍ବନ ଅବଧି ସମୟରେ ଯଦି ସେ କୌଣସି ସେବକ କିମ୍ବା ବ୍ୟକ୍ତିଙ୍କୁ ପ୍ରଲୋଭନ ବା ଧମକ ଦେବା କିମ୍ବା ଶ୍ରୀମନ୍ଦିରର ସେବାପୂଜା ଓ ନୀତିରେ ବାଧା ସୃଷ୍ଟି କରିବା ପରି କାର୍ଯ୍ୟରେ ଲିପ୍ତ ହେବେ, ତେବେ ନିଲମ୍ବନ ଅବଧିକୁ ବଢ଼ାଯିବା ସହ ଶାଢ଼ିବନ୍ଧା ଆଦେଶ ପ୍ରତ୍ୟାହାର କରି କଠୋରତର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟ ପ୍ରଶାସକ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। ଅନ୍ୟ ଦୁଇ ସେବକ ମଧୁସୂଦନ ଖୁଣ୍ଟିଆ ଓ ମାଧବ ଖୁଣ୍ଟିଆଙ୍କୁ ସର୍ତ୍ତ ସହ କ୍ଷମା କରାଯାଇଥିବାବେଳେ ଭବିଷ୍ୟତରେ ଏପରି ଆଚରଣର ପୁନରାବୃତ୍ତି ହେଲେ ଦୃଢ଼ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସତର୍କ କରାଯାଇଛି। ଅଧିକାଂଶ ସେବକଙ୍କ ସମୟୋଚିତ ସହଯୋଗ ଓ ଉତ୍ତମ ସମନ୍ୱୟରେ ଶ୍ରୀମନ୍ଦିରର ନୀତିକାନ୍ତି ସୁଚାରୁ ଭାବେ ସମ୍ପାଦିତ ହେଉଥିବାବେଳେ କେତେଜଣ ସେବକଙ୍କ ବିଶୃଙ୍ଖଳ ଆଚରଣ ଯୋଗୁ ନୀତି ବ୍ୟାହତ ହେବା ଦୁଃଖଦାୟକ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ଶ୍ରୀମନ୍ଦିରରେ କୌଣସି ପ୍ରକାର ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

# ରଥଯାତ୍ରା ପୂର୍ବରୁ ସରିବ ଗୁଣ୍ଡିଚା ମନ୍ଦିର କାମ

**ବିଭିନ୍ନ ପ୍ରକଳ୍ପର ସମୀକ୍ଷା କଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ**

ପୁରୀ,୧୪।୩(ଅଜିତ କୁମାର ମହାନ୍ତି)

ଶ୍ରୀମନ୍ଦିର ଓ ରଥଯାତ୍ରା ସମ୍ପର୍କିତ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଶନିବାର ସମୀକ୍ଷା କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକୁ ଓଡ଼ିଶା ବ୍ରିଜ୍ ଆଣ୍ଡ୍ କନ୍‌ଷ୍ଟ୍ରକଶନ୍ ଲିମିଟେଡ୍ (ଓବିସିସି) ଦ୍ୱାରା କାର୍ଯ୍ୟାନ୍ୱୟନ କରାଯାଉଛି। ଶ୍ରୀଗୁଣ୍ଡିଚା ମନ୍ଦିରରେ ଚାଲିଥିବା ବଲ୍ଲଭ ଘର, ଟୁଣିଆ ମହଲ ଓ ରୋଷଘର ଆନେକ୍ସି ନିର୍ମାଣ କାର୍ଯ୍ୟ ଉପରେ ବୈଠକରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଆସନ୍ତା ଘୋଷଯାତ୍ରା ପୂର୍ବରୁ ଏହି ସମସ୍ତ କାର୍ଯ୍ୟ ସମାପ୍ତ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସମସ୍ତ ନୂତନ ନିର୍ମାଣ କାର୍ଯ୍ୟ ପାରମ୍ପରିକ କଳିଙ୍ଗ ଶୈଳୀର ସ୍ଥାପତ୍ୟ କଳା ଅନୁଯାୟୀ କରାଯିବାକୁ ଉଲ୍ଲେଖ କରାଯାଇଛି। ବୈଠକରେ ଜଗନ୍ନାଥବଲ୍ଲଭ ପିଲ୍‌ଗ୍ରୀମ୍ ସେଣ୍ଟର ଓ ବାସେଳି ସାହି ଧର୍ମଶାଳାର ବକେୟା କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ମଧ୍ୟ ସମୀକ୍ଷା କରାଯାଇଥିଲା। ଓବିସିସି ପକ୍ଷରୁ ଏହି କାର୍ଯ୍ୟଗୁଡ଼ିକୁ ଶୀଘ୍ର ସମାପ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ଜଗନ୍ନାଥ ବଲ୍ଲଭ ପ୍ରମୋଦ ଉଦ୍ୟାନ ଓ ମାଟିତୋଟାରେ ଆଦର୍ଶ ଗୁରୁକୁଳ ପାଇଁ ପ୍ରସ୍ତାବିତ ପ୍ରକଳ୍ପ ସ୍ଥଳରେ ଶୀଘ୍ର ବାଉଣ୍ଡାରି ବାଡ଼ ଲଗାଇବାକୁ ମଧ୍ୟ ନିଷ୍ପତ୍ତି ହୋଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହି ପ୍ରକଳ୍ପଗୁଡ଼ିକର ସମୟୋପଯୋଗୀ ସମାପ୍ତି ପାଇଁ ସମ୍ପୂର୍ଣ୍ଣ ସହଯୋଗ ଓ ଆବଶ୍ୟକ ସୁବିଧା ଯୋଗାଇ ଦିଆଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ଆସନ୍ତା ସପ୍ତାହରେ ଗଜପତି ମହାରାଜା ଏବଂ ଅନ୍ୟ ବୈଷୟିକ କମିଟି ସଦସ୍ୟମାନେ ଏହି କାର୍ଯ୍ୟଗୁଡ଼ିକର ଅଗ୍ରଗତି ନେଇ ସମୀକ୍ଷା କରିବେ। ବୈଠକରେ ଓବିସିସିର ପରିଚାଳନା ନିର୍ଦ୍ଦେଶକ ଅନୁପମ ଶାହା, ପୁରୀ ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ଦିବ୍ୟଜ୍ୟୋତି ପରିଡା ଏବଂ ପ୍ରଶାସନର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।




ବୈଠକରେ ଶ୍ରୀମନ୍ଦିର ମୁଖ୍ୟପ୍ରଶାସକ ଅରବିନ୍ଦ ପାଢ଼ୀ, ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଏବଂ ଅନ୍ୟ ଜଣେ ବରିଷ୍ଠ ଅଧିକାରୀ।

ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଶିବପ୍ରସାଦ



@ ଶୁଭଶ୍ରୀ



@ ମାନିନୀ



@ ରାଜୀବ



@ କୃଷ୍ଣପ୍ରିୟା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ତତ୍କାଳୀନ ଡାକଘର ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଇନ୍‌ଚାର୍ଜ ଦଣ୍ଡିତ

**୨ଲକ୍ଷ ଟଙ୍କା ଲାଞ୍ଚ ମାମଲା**

ଭୁବନେଶ୍ୱର,୧୪।୩(ତ୍ରିନାଥ ମହାନ୍ତି)

୨ଲକ୍ଷ ଟଙ୍କା ଲାଞ୍ଚ ମାମଲାରେ ମୟୂରଭଞ୍ଜ ଜିଲା ବାରିପଦା ପୋଷ୍ଟ ଅଫିସରେ କାର୍ଯ୍ୟରତ ପୂର୍ବତନ ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ରାଧାକୃଷ୍ଣ ସାହୁଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ସିବିଆଇ କୋର୍ଟ ଜେଲ୍‌ଦଣ୍ଡ ଶୁଣାଇଛନ୍ତି। ଅଦାଲତ ଅଭିଯୁକ୍ତଙ୍କୁ ୪ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୧ ଲକ୍ଷ ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। କେନ୍ଦ୍ରୀୟ ଉପ-ବିଭାଗ ବାରିପଦାର ତତ୍କାଳୀନ ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ଡାକଘର ଇନ୍‌ଚାର୍ଜ ଭାବେ ରାଧାକୃଷ୍ଣ ସାହୁ କାମ କରୁଥିଲେ। ୨୦୧୪ ଫେବୃଆରୀ ୪ରେ ସିବିଆଇ ରାଧାକୃଷ୍ଣଙ୍କ ବିରୋଧରେ ଏହି ମାମଲା ରୁଜୁ କରିଥିଲା। ସେ ଅଭିଯୋଗକାରୀଙ୍କଠାରୁ ଦେବସୋଲ ଶାଖା ପୋଷ୍ଟ ଅଫିସରେ ଗ୍ରାମୀଣ ଡାକସେବକ(ମେଲ୍ ଡେଲିଭରର ଏବଂ ମେଲ୍ କ୍ୟାରିଅର୍) ପୋଷ୍ଟିଂରେ ସହଯୋଗ କରିବା ପାଇଁ ୨ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ଏକାଧିକ ଥର ଅଭିଯୋଗକାରୀ ତାଙ୍କ ନିକଟକୁ ଯାଇଥିଲେ ମଧ୍ୟ ଅଭିଯୁକ୍ତ ତାଙ୍କ ଯୋଗଦାନକୁ ସହଜ କରିବା ପାଇଁ କୌଣସି ପଦକ୍ଷେପ ନେଇ ନ ଥିଲେ। ଶେଷରେ ଅଭିଯୋଗକାରୀ ୨୦୧୪ ଫେବୃଆରୀ ୩ରେ ମୋଟ ୨ଲକ୍ଷ ଟଙ୍କାରୁ ୫୦ ହଜାର ଦେବାକୁ କହିଥିଲେ। ଅଭିଯୋଗକାରୀ ୫୦ ହଜାର ଦେବାକୁ ଅସମର୍ଥ କହିବା ପରେ ଦୁଇଟି କିସ୍ତିରେ ୨୦ ହଜାର ଦେବାକୁ କହିଥିଲେ। ୨୦୧୪ ଫେବୃଆରୀ ୬ରେ ବାଲିଗଞ୍ଜାସ୍ଥିତ ତାଙ୍କ ଭଡ଼ା ଘରେ ୨୦ ହଜାର ଟଙ୍କା ଲାଞ୍ଚ ନେବା ସମୟରେ ସିବିଆଇ ହାତରେ ଧରାପଡ଼ିଥିଲେ। ସିବିଆଇ ୨୦୧୪ ଜୁନ୍ ୨୫ରେ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଥିଲା। ୧୨ ବର୍ଷ ଧରି ବିଚାର ଚାଲିଥିବାବେଳେ ଶନିବାର ତାଙ୍କୁ ୪ ବର୍ଷ ଜେଲ୍‌ଦଣ୍ଡ ମିଳିଛି।

# ସାଥୀ ପରିବାର, ବଲାଙ୍ଗୀର ଗ୍ରାମୋଦ୍ୟୋଗ ସମିତିକୁ 'ଶାମ୍ଭବୀ ପୁରସ୍କାର'

ଭୁବନେଶ୍ୱର,୧୪।୩ (ସୌମ୍ୟରଞ୍ଜନ ରାଉତ)

**ଦୁଇ ଭଉଣୀ ସର୍ମିଳତା ଓ ଯମୁନାଙ୍କୁ 'ଶାମ୍ଭବୀ ଯୁବ ଆଇକନ୍' ପୁରସ୍କାର**

ବଂଶୀଧର ଆଣ୍ଡ୍ ଇଲା ପଣ୍ଡା ଫାଉଣ୍ଡେଶନ (ବିଆଇପିଏଫ୍) ପକ୍ଷରୁ ଶାମ୍ଭବୀ ପୁରସ୍କାରର ୧୩ତମ ସଂସ୍କରଣ ଶନିବାର ସ୍ଥାନୀୟ ଏକ ହୋଟେଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଦୁଇଟି ସଙ୍ଗଠନ 'ସାଥୀ ପରିବାର' ଏବଂ 'ବଲାଙ୍ଗୀର ଗ୍ରାମୋଦ୍ୟୋଗ ସମିତି'କୁ 'ଶାମ୍ଭବୀ ପୁରସ୍କାର ୨୦୨୬' ପ୍ରଦାନ କରାଯାଇଛି। ଅନୁଗୋଳ ଜିଲାରେ ସାପକାମୁଡ଼ା ମୃତ୍ୟୁ ରୋକିବା, ୯୮୦୦ରୁ ଅଧିକ ସ୍ୱେଚ୍ଛାସେବୀଙ୍କୁ ତାଲିମ ଦେବା ଏବଂ ଗତ ୩ବର୍ଷରେ ୪୯୦ଜଣଙ୍କ ଜୀବନ ବଞ୍ଚାଇବା କାର୍ଯ୍ୟକୁ ସମ୍ମାନ ଦେଇ 'ସାଥୀ ପରିବାର'କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ସୀମାନ୍ତବର୍ତ୍ତୀ ସମ୍ପ୍ରଦାୟକୁ ସଶକ୍ତ କରିବା କ୍ଷେତ୍ରରେ ଜାରି ରହିଥିବା ଉଦ୍ୟମକୁ ପ୍ରୋତ୍ସାହିତ କରି 'ବଲାଙ୍ଗୀର ଗ୍ରାମୋଦ୍ୟୋଗ ସମିତି'କୁ ପୁରସ୍କୃତ କରାଯାଇଛି। ପୁରସ୍କାର ବାବଦରେ ଉଭୟଙ୍କୁ ୫ଲକ୍ଷ ଟଙ୍କା ଲେଖାଏ ଅର୍ଥରାଶି ସହ ପ୍ରଶଂସା ପତ୍ର ପ୍ରଦାନ କରାଯାଇଛି।

ସେହିପରି ଫୁଟବଲ୍ ମାଧ୍ୟମରେ ସ୍ଥାନୀୟ ଝିଅମାନଙ୍କୁ ସଶକ୍ତ କରିବା ଓ ବାଲ୍ୟବିବାହ ବିରୋଧରେ ସଚେତନତା ସୃଷ୍ଟି କରୁଥିବା କନ୍ଧମାଳ ଜିଲାର ଜିରିଡିକିଆ ଗ୍ରାମର ଦୁଇ ଭଉଣୀ ସର୍ମିଳତା ପ୍ରଧାନ ଓ ଯମୁନା ପ୍ରଧାନଙ୍କୁ 'ଶାମ୍ଭବୀ ଯୁବ ଆଇକନ୍' ପୁରସ୍କାର ଦିଆଯାଇଛି। ଏଥିସହ ବୟନ ଐତିହ୍ୟରେ ଅବଦାନ ପାଇଁ ବରଗଡ ଜିଲାର ଡ. ସସ୍ମିତା ମେହେରଙ୍କୁ ୧ଲକ୍ଷ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି।

ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗଦେଇ ପୁରସ୍କାର ପ୍ରଦାନ କରିବା ସହ ପ୍ରତିଷ୍ଠାନର ଯାତ୍ରାକୁ ନେଇ ପ୍ରସ୍ତୁତ ଏକ କଫି ଟେବୁଲ ପୁସ୍ତକକୁ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ପ୍ରଭାତୀ କହିଲେ, ଛୋଟ ପ୍ରୟାସ ଏକ ବଡ ପ୍ରଭାବ ପକାଇବାରେ ସାହାଯ୍ୟ କରିବ। ସମାଜରେ ବୃଦ୍ଧି ପାଉଥିବା ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଭଳି ଜରୁରୀ ଚ୍ୟାଲେଞ୍ଜ ଉପରେ କାମ କରିବାକୁ ସେ ଯୁବପିଢ଼ିଙ୍କୁ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥି ଭାବେ ମ୍ୟାଜିକ୍ ବସ୍ ଫାଉଣ୍ଡେଶନ୍‌ର ଗ୍ଲୋବାଲ ସିଇଓ ଜୟନ୍ତ ରସ୍ତୋଗୀ କହିଲେ, ଦେଶର ନାଗରିକମାନେ ସେମାନଙ୍କ ଭବିଷ୍ୟତ ଉପରେ ବିଶ୍ୱାସ କରିବା ଆରମ୍ଭ କଲେ ରାଷ୍ଟ୍ର ଅଗ୍ରସର ହୋଇଥାଏ। ବିଆଇପିଏଫ୍‌ର ପ୍ରତିଷ୍ଠାତା ଏବଂ ସିଇଓ ଶୈଫାଳିକା ପଣ୍ଡା ଫାଉଣ୍ଡେଶନର ୧୫ ବର୍ଷର ଯାତ୍ରା ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମକୁ ଶୋଭନା ମିଶ୍ର ପରିଚାଳନା କରିଥିଲେ।




ଶାମ୍ଭବୀ ପୁରସ୍କାର ଗ୍ରହଣ ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଅନ୍ୟ ଅତିଥିଙ୍କ ସହ ସାଥୀ ପରିବାର ଏବଂ ବଲାଙ୍ଗୀର ଗ୍ରାମୋଦ୍ୟୋଗ ସମିତିର କାର୍ଯ୍ୟକର୍ତ୍ତାମାନେ। (ଫଟୋ- ବିକାଶ ନାୟକ)

